## ସଂକ୍ଷେପରେ

### ଅମରେଶ୍ୱରୀ ମନ୍ଦିରରୁ ଚୋରି

ଧର୍ମଶାଳା,୧୯।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଉତ୍ତରଶାସନ ଗ୍ରାମସ୍ଥିତ ମା’ ଅମରେଶ୍ୱରୀ ମନ୍ଦିରରୁ ବୁଧବାର ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି। ଅଭିଯୋଗ ମୁତାବକ, ମନ୍ଦିରର ମୁଖ୍ୟ ପୂଜାରୀ ଭାସ୍କର ଶତପଥୀ ବୁଧବାର ମନ୍ଦିରରେ ପୂଜା ସାରି ରାତିରେ ଫାଟକରେ ତାଲା ପକାଇ ଘରକୁ ଯାଇଥିଲେ। ଗୁରୁବାର ସକାଳୁ ମନ୍ଦିରର ଫାଟକ ଖୋଲାଥିବା ନେଇ ଭକ୍ତମାନେ ପୂଜାରୀଙ୍କୁ ଜଣାଇଥିଲେ। ସେ ମନ୍ଦିରରେ ପହଞ୍ଚି ଦେଖିବା ବେଳକୁ କେହି ଦୁର୍ବୃତ୍ତ ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗି ମନ୍ଦିରରେ ପ୍ରବେଶ କରି ୫୫ ପୀତଳ କଳସ, ୨ ପୀତଳ ହାଣ୍ଡି, ପୀତଳର ୨ ତସଲା, ୪ ପୀତଳ ଥାଳି, ୪ ପୀତଳ କଟରା, ୨ ପୀତଳ ବାଲଟି, ୨ ପୀତଳ ଘଣ୍ଟି, ଗୋଟିଏ ମାଇକ ମେସିନ ଏବଂ ଗୋଟିଏ ଇନଭରର୍ଟର ବ୍ୟାଟେରିକୁ ନେଇଯାଇଥିଲେ। ଅନ୍ୟପକ୍ଷରେ କିଛି ଦିନ ହେଲା ଧର୍ମଶାଳା ଥାନାର ଆଖପାଖ ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଚୋରି ହୋଇଛି। ଗତ ମଙ୍ଗଳବାର ରାତିରେ କୁମାରୀ ମା’ ତାରିଣୀ ଓ ଭୁବନରେ ମା’ ମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସମେତ ବହୁ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଚୋରିର ଟେର ପାଇ ପାରିନାହିଁ। ମାତ୍ର ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ଓଭରବ୍ରିଜ କାର୍ଯ୍ୟକ୍ଷମ ପାଇଁ ଜମିଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ

ଯାଜପୁରରୋଡ୍,୧୯।୧୨(ପବିତ୍ର ରଞ୍ଜନ ମହାନ୍ତି): କୋରେଇ ବ୍ଲକ ବେଣାପୁରସ୍ଥିତ ୨୦ ନମ୍ବର ଜାତୀୟ ରାଜପଥରେ ଓଭରବ୍ରିଜ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ଏଥିପାଇଁ ଗୁରୁବାର ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଓପିଟସିଏଲ୍ ଓ ଜାତୀୟ ରାଜପଥ ବିଭାଗ ମଧ୍ୟରେ ୧୩୨ କେ.ଭି. ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରକୁ ନେଇ ଦେଖା ଦେଇଥିବା ବିବାଦର ସ୍ଥାୟୀ ସମାଧାନ ନିମନ୍ତେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଯାଜପୁର ଜିଲାପାଳ ଓ ବ୍ୟାସନଗର ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏହାକୁ ଆଧାରକରି ଗୁରୁବାର ତହସିଲଦାର ଦେବାଶିଷ ରାଉତ, ଜାତୀୟ ରାଜପଥ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ନାୟକ, କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର ଓ ରାଜସ୍ୱ ନିରୀକ୍ଷକମାନେ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଛନ୍ତି। ଉକ୍ତ ସ୍ଥାନରେ କିଛି ଅଂଶ ଘରୋଇ ଜମି ଥିବାରୁ ଏହାର ମାଲିକଙ୍କୁ କ୍ଷତିପୂରଣ ଦେବାକୁ ରାଜପଥ ବିଭାଗ ସହମତ ପ୍ରକାଶ କରିଛି। ଜମି ଅଧିଗ୍ରହଣର ଏକମାସ ମଧ୍ୟରେ ଓଭର ବ୍ରିଜ କାର୍ଯ୍ୟକ୍ଷମ ହେବବୋଲି ଜାତୀୟ ରାଜପଥର ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି।

### ଧର୍ମପରାୟଣାଙ୍କ ପରଲୋକ

ପାଣିକୋଇଲି,୧୯।୧୨(ବିକାଶ ମଲ୍ଲିକ): କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମର ଧର୍ମପରାୟଣା ମହିଳା ପୂର୍ବତନ ସରପଞ୍ଚ ଗୋପବନ୍ଧୁ ମାଝୀଙ୍କ ସ୍ତ୍ରୀ କନକଲତା ମାଝୀଙ୍କ ୭୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛିଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଖବର ପାଇ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଶୋକ ଦାସ ଫାଉଣ୍ଡେଶନ ମହାସଚିବ ଭବପ୍ରସାଦ ଦାସ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଗୋଲକ ଚନ୍ଦ୍ର ଚନ୍ଦ୍ର ମାଝୀ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କୋରେଇର ପୂର୍ବତନ



ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ପୂର୍ବତନ ବିଧାୟକ ଅଶୋକ ବଳ, ବିଧାୟକ ଆକାଶ ଦାସନାୟକ, ବିଜେଡି ଯୁବ ସଭାପତି ପ୍ରତାପ ମହାନ୍ତି, ଯୁବନେତା ତାରକେଶ୍ୱର ମହାନ୍ତି, ମୂଳାପାଳ ସରପଞ୍ଚ ଜୟନ୍ତ ନାୟକ, ସମିତିସଭ୍ୟ ମଧୁସୂଦନ ନନ୍ଦୀ, ପ୍ରେସକ୍ଲବ୍ ସଭାପତି ସୁବାସ ଧଳ, ବିଭିନ୍ନ ଦଳର ରାଜନେତା ଓ ଲିଙ୍ଗେଶ୍ୱର ଉନ୍ନୟନ କମିଟିର କର୍ମକର୍ତ୍ତା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# କାଏମା-ଶାନ୍ତିବଜାର ରାସ୍ତା ପ୍ରଶସ୍ତୀକରଣ ହୋଇପାରୁନି

## ଶିଳାନ୍ୟାସକୁ ବର୍ଷେ ବିତିଲା, ମାପଚୁପରେ ଅଟକିଛି

କାଏମା,୧୯।୧୨(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା-ଶାନ୍ତିବଜାର ରାସ୍ତା ପ୍ରଶସ୍ତୀକରଣ ପାଇଁ ଏକ ବର୍ଷ ହେଲା ଶିଳାନ୍ୟାସ ହୋଇଥିଲେ ବି କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ। କେବଳ ମାପଚୁପରେ ଏହା ସୀମିତ ରହିଛି। ଫଳରେ ମରାମତି ଅଭାବରୁ ବହୁଦିନ ହେଲା ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏହି ରାସ୍ତା ଅବସ୍ଥା ଖରାପ ହେବା ସହ ସବୁ ସମୟରେ ଭିଡ଼ ଦେଖିବାକୁ ମିଳୁଛି। ସକାଳ ସମୟରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ନାନା ସମସ୍ୟା ହେଉଥିବା ଅଭିଯୋଗ ହେଉଛି।

ଏହି ରାସ୍ତାଟି ଜାରକା ଓ ଧର୍ମଶାଳାକୁ ଆସିବା ପାଇଁ ସ୍ଥାନୀୟ ୧୫ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ସ୍ଥାନୀୟ ଅଭୟପୁର,



ବଡ଼କାଏମା, ଭବାନୀପୁର, ପାଟପୁର, କୋଟପୁର, ଉତ୍ତରପ୍ରତାପ, ଦେଓଦା, ମଙ୍ଗଳପୁର, ଅରାବଳ, ଅରେଇକଣା, କଦମପାଳ , ମିର୍ଜାପୁର ପଞ୍ଚାୟତ ସମେତ ପାଖଆଖ ରସୁଲପୁର, ବରୀ ଓ ବଡ଼ଚଣା ବ୍ଲକ୍ ଲୋକମାନଙ୍କର ଏହା ମୁଖ୍ୟ ଗମନାଗମନ ରାସ୍ତା। ପ୍ରତିଦିନ ହଜାରହଜାର ଲୋକଙ୍କ ସମେତ ଶହଶହ ଗାଡ଼ିମୋଟର ଏହି ରାସ୍ତା ଦେଇ ନିଜନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥାଆନ୍ତି। ଫଳରେ ଏହି ରାସ୍ତାଟି ଅନେକ ସମୟରେ ଜାମ ହେବା ସହ ଅନେକ ଦୂର୍ଘଟଣା ମଧ୍ୟ ହୋଇଥାଏ। ଏହି ୪.୫ କିମି ରାସ୍ତାକୁ ୪ ଥାକିଆ କରିବାପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୮ କୋଟି ୪୨ଲକ୍ଷ ବ୍ୟୟବରାଦ ହୋଇଥିଲା ଏବଂ ଗତବର୍ଷ ଡିସେମ୍ବର ୮ରେ ଏହି ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ପରେ ଅନେକ ଥର ମାପଚୁପ କରାଯିବା ସହ କିଛି ଗଛ କଟା ଯାଇଥିଲା। ଏହାର କିଛି ଦିନ ପରେ ନିର୍ବାଚନ ହୋଇଥିଲା ଏବଂ ନିର୍ବାଚନ ପରେ ଧର୍ମଶାଳାରେ ବିଧାୟକ ବଦଳି ଯାଇଥିବାବେଳେ ରାଜ୍ୟରେ ସରକାର ମଧ୍ୟ ପରିବର୍ତ୍ତନ ହୋଇଛି। ନୂତନ ବିଧାୟକ ହିମାଂଶୁ ଶେଖର ସାହୁ ଏହି ରାସ୍ତା କର୍ଯ୍ୟ କରାଯିବା ନେଇ ମଧ୍ୟ ଆଲୋଚନା କରିଛନ୍ତି। କିନ୍ତୁ କାମ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ପାଣିକୋଇଲି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ପାଣିକୋଇଲି,୧୯।୧୨(ବିକାଶ ମଲ୍ଲିକ):

କୋରେଇ ଶିକ୍ଷା ମଣ୍ଡଳୀ ଅଧୀନ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସ୍ଥାନୀୟ ସମାଜସେବୀ ସୂର୍ଯ୍ୟମଣି ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ଼, ସମିତି ସଭ୍ୟାଙ୍କ ପ୍ରତିନିଧି ସୁଧାଂଶୁ ଘଡ଼ାଇ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ, ସୁଧାଂଶୁବାଳା ଦାସ, ପ୍ରିୟଙ୍କା ମଲ୍ଲିକ, ରୀତାରାଣୀ ପାଢ଼ୀ, ପ୍ରିୟଦର୍ଶିନୀ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ଦାସ, ପଙ୍କଜ ସାହୁ, ରୋଜାଲିନ ବାହାଲିଆ, ରଶ୍ମିରେଖା ପାତ୍ର, ମାନିନୀ ଦାସ, କଳ୍ପନା ପଣ୍ଡା, ଅମ୍ବିକା ନନ୍ଦ, ପ୍ରତାପ କୁମାର ପହି, ହେରାରାଣୀ ଦେହୁରୀ, ଦୀପ୍ତିରେଖା ମଲ୍ଲିକ, ଶୁଭଶ୍ରୀ ମଲ୍ଲିକ, ଅର୍ଚ୍ଚନା ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ପ୍ରକାଶ ବିଶ୍ୱାଳ, ସୁରେନ୍ଦ୍ର କୁମାର ସାହୁ, ବିନିତା ବେହେରା ଓ ବିଦ୍ୟାଳୟର ଖେଳ ଶିକ୍ଷକ କାହ୍ନୁ ଚରଣ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୫୦, ୧୦୦, ୨୦୦, ୪୦୦, ୬୦୦, ୮୦୦ ମିଟର ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡିଆଁ, ଡିସକସ ଥ୍ରୋ, ପୁଟିଙ୍ଗ ଦି ସଟ, ପୁଟୀ, ବେଲୁନ ଫଟା, ଛୁଞ୍ଚି ସୁତା, ହବ ଷ୍ଟବ ଜମ୍ପ, ଗଣିତ ରେସ, ବେଙ୍ଗ ଡିଆଁ, ମ୍ୟାଜିକ ଚେୟାର, ନଦୀ ବନ୍ଧ, ଦଉଡ଼ି ଡିଆଁ ପ୍ରମୁଖ ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।



ପାଣିକୋଇଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଯୋଗଦେଇଥିବା ଅତିଥି।

# ଧର୍ମଶାଳା ମହାବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା





ଅତିଥି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

ଧର୍ମଶାଳା,୧୯।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ୨ ଦିନ ବ୍ୟାପୀ ହେବାକୁଥିବା ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ କ୍ରୀଡ଼ା ବିଭାଗ ଉପସଭାପତି ଅଧ୍ୟାପକ ପ୍ରଦୀପ କୁମାର ସାମଲ, କ୍ରୀଡ଼ା ଅଧ୍ୟାପକ ସତ୍ୟସାଗର ମହାନ୍ତି, କ୍ରୀଡ଼ା ସଂଯୋଜକ ନକୁଳ ଚନ୍ଦ୍ର ସାହୁ ଓ ଆରାଧନା ସେଠୀ ବାର୍ଷିକ କ୍ରୀଡ଼ାକୁ ପରିଚାଳନା କରିଥିଲେ। ପ୍ରଥମ ଦିନ କ୍ରୀଡ଼ାରେ ମହାବିଦ୍ୟାଳୟର ଜୁନିୟର ଏବଂ ସିନିୟର୍ ଉଭୟ ବାଳିକାବାଳକଙ୍କ ମଧ୍ୟରେ ୧୦୦ ମିଟର, ୨୦୦ ମିଟର ଦୌଡ଼, ଲମ୍ଵ ଡିଆଁ, ଉଚ୍ଚ ଡିଆଁ, ଡିସକସ୍ ଥ୍ରୋ ଓ ସର୍ଟପୁଟ୍ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଖେଳକୁ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ମହାବିଦ୍ୟାଳୟ ଅଧ୍ୟାପକ ରବୀନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

## ସତ୍ୟସାଇ କ୍ରିକେଟ: ଫାଇନାଲରେ ଭୁବନେଶ୍ୱର

ବ୍ରହ୍ମବରଦା,୧୯।୧୨(ଯଯାତି କେଶରୀ ବେହେରା): ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ କାକୁଡିକୁଦ-ନୀଳକଣ୍ଠପୁର ଗ୍ରାମର ସତ୍ୟସାଇ ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ପ୍ରତିଯୋଗିତାରେ ଗୁରୁବାର ଯାଜପୁରକୁ ହରାଇ ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଭୁବନେଶର ଟିମ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୮୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଆରିୟା ଭଟ୍ଟ ୪୪ରନ କରିଥିଲେ। ବିପକ୍ଷ ଦଳର ବୋଲର ଆନନ୍ଦ ସିଂ ୩ ଉଇକେଟ ନେଇଥିଲେ। ଜବାବରେ ଯାଜପୁର କ୍ରିକେଟ ଟିମ ୨୦ ଓଭରରେ ୮ ଉଇକେଟ ହରାଇ ୧୬୬ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଆଦର୍ଶ ମହାନ୍ତି ୭୦ରନ କରିଥିଲେ। ବିପକ୍ଷଦଳର ବୋଲର ମନୋଜ ବାରିକ ୪ ଉଇକେଟ ନେଇଥିଲେ। ସମାଜସେବୀ ତାପସ ସାମଲ ବିଜୟୀ ଦଳର ମନୋଜ ବାରିକଙ୍କୁ ମ୍ୟାନ୍-ଅଫ୍-ଦି-ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଖେଳକୁ ଅମ୍ପାୟାର ଶରତ ଜେନା ଓ ସନ୍ତୋଷ ପତି ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରିୟନାଥ ରାଉତ, ଅରୁଣ ପତି, ଇମ୍ରାନ ଖାନ, ସୁମନ ସାହୁ ଓ ସ୍କୋରର ଭାବେ ରୋଷନ ସାହୁ ଓ ରାଜା ଜେନା ସହଯୋଗ କରିଥିଲେ। ଜିତେନ୍ଦ୍ର ସାହୁ, ବାଦଲ ରାଏ, ମାଧବ ଜେନା, ନିରଂଜନ ଜେନା, ମନୋଜ ଜେନା, ପ୍ରଭାକର ସାହୁ, ଉତ୍କଳ ଜେନା, ରଞ୍ଜିତ ନାୟକ, ରତିକାନ୍ତ ରାଉତ, ସୁନିଲ ଜେନା, ଦିଲୀପ ଜେନା, ସୁକଦେବ ସାହୁ, ବଳରାମ ସାହୁ, ରାଜେଶ ଜେନା, ହେମନ୍ତ ସାହୁଙ୍କ ସମେତ ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱର ବନାମ ପୁରୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ୍ ସଭାପତି ସୂଚନା ଦେଇଛନ୍ତି।

# ନେମ୍ ଆଣ୍ଡ ଫେମ୍ ପବ୍ଲିକ୍ ସ୍କୁଲର ୫ ବାର୍ଷିକ କ୍ରୀଡ଼ା

ପାଣିକୋଇଲି,୧୯।୧୨(ବିକାଶ ମଲ୍ଲିକ):

ପାଣିକୋଇଲିସ୍ଥିତ ନେମ ଅଣ୍ଡ ଫେମ ପବ୍ଲିକ ସ୍କୁଲର ୫ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଚେୟାରମ୍ୟାନ ବନୋଜ କୁମାର ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ମମତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀଶିକ୍ଷକ ସୁଶାନ୍ତ ଶେଖର ରାଉତ, ସତ୍ୟବ୍ରତ ପରିଡା, ରଞ୍ଜନ କୁମାର ଦାସ, ଆରତୀ ସାମଲ, ସୁପ୍ରଭା ମିଶ୍ର, ଆୟୁଷା ନାୟକ, ଜ୍ୟୋସ୍ନାରାଣୀ ଦାସ, ତପସ୍ୱିନୀ ସାମଲ, ପ୍ରାର୍ଥନା ପ୍ରିୟଦର୍ଶନୀ ପହୀ ଓ ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉତ୍ସବର ପ୍ରଥମ ଦିନରେ ପିଲାମାନଙ୍କ ମଧ୍ୟରେ ଦୌଡ଼, ଲଙ୍ଗ୍ ଜମ୍ପ, ସ୍ଲୋ ସାଇକେଲ, ମ୍ୟାଥ ରେସ, ଶ୍ଟ ଫୁଟ୍, ସ୍ପୁନ ଆଣ୍ଡ ଲେମନ, ମ୍ୟୁଜିକ ଚେୟାର, ବ୍ରିଂଜାଲ ରେସ, ସଂପିରଂଗ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ନେମ ଆଣ୍ଡ ଫେମ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

# ଫାଇନାଲରେ ଗୋପାଳପୁରକୁ ଭେଟିବ ବାରବାଟୀ

## ମା’ ହିଙ୍ଗୁଳା କ୍ରିକେଟ ଟୁର୍ନାମେଣ୍ଟ୍

ରସୁଲପୁର,୧୯।୧୨(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ସୁଆଁସାହି ଗ୍ରାମର ପାଳଖଳା ଖେଳ ପଡ଼ିଆରେ ମା’ହିଙ୍ଗୁଳା କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସର ଖେଳ ଶେଷ ସୁଦ୍ଧା ଗୋପାଳପୁର ଓ ବାରବାଟୀ କ୍ରିକେଟ କ୍ଲବ ଫାଇନାଲକୁ ଉନ୍ନିତ ହୋଇଛନ୍ତି। ଗୁରୁବାର ଆୟୋଜିତ ଦୁଇ ମ୍ୟାଚ୍ ମଧ୍ୟରୁ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ କ୍ଷେତ୍ରପାଳିନୀ କ୍ରିକେଟ କ୍ଲବ-କୋଳଥଳ ପ୍ରତିପକ୍ଷ ବାରବାଟୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ବାରବାଟୀ ଦଳ ପ୍ରତିପକ୍ଷ କ୍ଷେତ୍ରପାଳିନୀ ଦଳକୁ ହରାଇ ଦ୍ୱିତୀୟ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବାରବାଟୀ ଦଳ ସହ ଜାରକା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ଟି ଅତ୍ୟନ୍ତ ଚିତାକର୍ଷକ ହୋଇଥିଲା। ମ୍ୟାଚ୍‌ର ଅନ୍ତିମ ଓଭରରେ ବାରବାଟୀ ଦଳ ପ୍ରତିପକ୍ଷ ଦଳକୁ ପରାଜୟ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ କ୍ୱାର୍ଟର ଓ ସେମିଫାଇନାଲ ମ୍ୟାଚକୁ ବାପିନ ପରିଡା ଓ ପର୍ଶୁରାମ ପରିଡା ପ୍ରମୁଖ ପରିଚାଳନା କରିଥିଲେ। ଶୁକ୍ରବାର ଫାଇନାଲ ମ୍ୟାଚ୍‌ରେ ବାରବାଟୀ ଦଳ ଗୋପାଳପୁରକୁ ଭେଟିବ।

# ଚଣ୍ଡିଖୋଲରୁ ବାଇକ ଚୋରି

ଚଣ୍ଡିଖୋଲ,୧୯।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲଠାରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କ ସମ୍ମୁଖରୁ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବୈରୀ ଥାନା ଅନ୍ତର୍ଗତ ଶାଳପଡା ପଞ୍ଚାୟତ ବାଉଁଶମୂଳୀ ଗ୍ରାମର ନାରାୟଣ ରାଉଳ ବ୍ୟାଙ୍କ ସମ୍ମୁଖରେ ନିଜ ବାଇକଟିକୁ ରଖି ବ୍ୟାଙ୍କକୁ ଯାଇଥିଲେ। ସେ ବ୍ୟାଙ୍କରୁ ବାହାରି ଦେଖିଲାବେଳକୁ ତାଙ୍କ ବାଇକ ସେଠାରେ ନ ଥିଲା। ବହୁ ଖୋଜାଖୋଜି ପରେ ବାଇକ ନ ପାଇବାରୁ ଶେଷରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେ ଆଧାରରେ ତଦନ୍ତ ଚଳାଇଛି।

# ଜନଆରୋଗ୍ୟ ସମିତି ବୈଠକ





ରସୁଲପୁର,୧୯।୧୨(ରଂଜିତ ରାଉତ):

ରସୁଲପୁର ବ୍ଲକ ନରସିଂହପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ଗୁରୁବାର ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହରିପୁର ହାଟସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ୩୫ନଂ. ଜିଲାପରିଷଦ ସଦସ୍ୟା ଶଶିରେଖା ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଡା. ବସନ୍ତ କୁମାର ପଣ୍ଡା, ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ହିମାଂଶୁ କୁମାର, ଆୟୁଷ ଡାକ୍ତର ଦେବସ୍ମିତା ରାଉତରାୟ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରିଣୀ ସରୋଜିନୀ ମହାନ୍ତି, ଫାର୍ମାସିଷ୍ଟ ଅମରେଶ ଦାସ, ନରିସଂହପୁର ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ମହିଳା ଓ ଶିଶୁ ବିକାଶ ବିଭାଗ ସୁପରଭାଇଜର କନକଲତା ସେଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଆରୋଗ୍ୟ ମନ୍ଦିରକୁ ଜାତୀୟ ଗୁଣବତ୍ତାର ପ୍ରମାଣପତ୍ର ମିଳିଥିବା ଖବରକୁ ନେଇ ଖୁସିବ୍ୟକ୍ତ କରିଥିଲେ। ଆରୋଗ୍ୟ ମନ୍ଦିର ପକ୍ଷରୁ ଜନସାଧାରଣଙ୍କୁ କିଭଳି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ, ଆରୋଗ୍ୟ ମନ୍ଦିର ପରିବେଶକୁ ପରସ୍କାର ପରିଚ୍ଛନ୍ନତାକୁ ବଜାଇ ରଖିବା, ଜନସାଧାରଣଙ୍କୁ ଋତୁକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଆଦି ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଫାର୍ମାସିଷ୍ଟ ଦାସ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଜାନୁଆରୀ-୨୦୨୫ ପାଇଁ ସ୍ୱାସ୍ଥ୍ୟସେବାକୁ ନେଇ ପ୍ରସ୍ତୁତ କାର୍ଯ୍ୟ ଖସଡା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ୱାର୍ଡସଭ୍ୟା/ସଭ୍ୟ, ଆଶା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟଦୂତ, ଶିକ୍ଷାଦୂତ, ସ୍ୱୟଂସହାୟିକା ଗୋଷ୍ଠୀ ସଭାନେତ୍ରୀ, ସଂପାଦିକାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆମ୍ବେଡକରଙ୍କୁ ଅସମ୍ମାନ ବୟାନର ପ୍ରତିବାଦ

## ମୂଳନିବାସୀ ୟୁନାଇଟେଡ୍ ଫୋରମ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ଯାଜପୁର ଟାଉନ,୧୯।୧୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ମୂଳନିବାସୀ ୟୁନାଇଟେଡ୍ ଫୋରମ୍‌ର ଯାଜପୁର ଜିଲା ଓ ଏହାର ବହୁ ସହଯୋଗୀ ସଂଗଠନ ସମୂହର ଶତାଧିକ କର୍ମକର୍ତ୍ତା ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ପ୍ରତିବାଦ କରିଛନ୍ତି।

ବିଆର୍ ଆମ୍ବେଡକରଙ୍କୁ ନେଇ ଗୃହମନ୍ତ୍ରୀ ଅମିତ ଶାହ ୧୭ ତାରିଖରେ ସଂସଦରେ ନିଜ ବୟାନ ରଖିଥିଲେ। ଏଥିରେ ସେ ଆମ୍ବେଡକରଙ୍କୁ ଅତି ଅସମ୍ମାନ କରିବା ଉଦ୍ଦେଶ୍ୟରେ ‘ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର’ କରି ୫ ଥର ତାଚ୍ଛଲ୍ୟ କରିବା ସହ ‘ଫେଶନ’ ନାମରେ ସମ୍ବୋଧନ କରିଛନ୍ତି। ଏପରିକି ‘ଶହେ ଥର ଆମ୍ବେଡକର ନାମ ନ ନେଇ ଭଗବାନ ନାମ ନେଇଥିଲେ ୭ ଜନ୍ମରୁ ମୁକ୍ତି





ମୂଳନିବାସୀ ୟୁନାଇଟେଡ୍ ଫୋରମ ପକ୍ଷରୁ ପ୍ରତିବାଦ କରାଯାଉଛି।

ମିଳି ସ୍ୱର୍ଗ ପ୍ରାପ୍ତି ହୋଇଥାଆନ୍ତା’ ବୋଲି କହିଛନ୍ତି। ଅର୍ଥାତ୍ ଆମ୍ବେଡକରଙ୍କ ନାମ ନେବା ‘ପାପ’ ବୋଲି ପରୋକ୍ଷରେ ସେ ସୁଚାଇ ଅପମାନ କରିବା ସହ ତିରସ୍କାର କରିଛନ୍ତି ବୋଲି ଫୋରମ ପକ୍ଷରୁ ଅଭିଯୋଗ ହୋଇଛି। ଆମ୍ବେଡକରଙ୍କୁ ଅସମ୍ମାନ ସହ ସମ୍ବିଧାନରୁ ସମାଜବାଦ, ଧର୍ମନିରପେକ୍ଷତାକୁ ବାଦ ଓ ସମ୍ବିଧାନ ପ୍ରଦତ ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯାଉଛି ଦର୍ଶାଇ ୟୁନାଇଟେଡ୍ ଫୋରମ୍ ପକ୍ଷରୁ ଶାହଙ୍କ ବହିଷ୍କାର ଦାବି କରାଯାଇଛି। ଏନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତାପ ଦାସ, ସହଦେବ ଜେନା ଓ ଦେବଦତ ଜେନା, ମନୋରଞ୍ଜନ ଦାସ, ବିଶ୍ୱନାଥ ପାତ୍ର, ଜିତେନ୍ଦ୍ର କୁମାର ଦାସ, ଆମ୍ବେଦକର ଫାଉଣ୍ଡେସନ ସଭାପତି ସୁରେନ୍ଦ୍ର ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ମାଣିକ ଗାଗରାଇ, ଉମାକାନ୍ତ ମଲ୍ଲିକ, ପିନାକୀ ରଞ୍ଜନ ମଲ୍ଲିକ, କ୍ଷୀରୋଦ ଦାସ ପ୍ରମୁଖ କିଆନାଳୀ ଛକରୁ ଶୋଭାଯାତ୍ରାରେ ବାହାରି ଗାନ୍ଧୀଛକ ଦେଇ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରିଥିଲେ। ପରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପ୍ରତିଦାବ କରିବା ସହ ଶାହଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

## ଲୋକସମ୍ପର୍କ ବିଭାଗ କର୍ମଚାରୀଙ୍କ ପରଲୋକ

କେନ୍ଦ୍ରାପଡ଼ା,(ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ତପନ କୁମାର ପରିଡ଼ା (୫୯)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ଏହି ବିଭାଗର ମଡ଼ିଆଳସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାରରେ ମଙ୍ଗଳବାର କାର୍ଯ୍ୟରତ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭୂତ କରିଥିଲେ। ସେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆର ସିଂହ କହିଛନ୍ତି, ୧୯୯୦ ମେରେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ। ବୁଧବାର ବିଭାଗୀୟ କର୍ମଚାରୀ ତାଙ୍କ କେନ୍ଦ୍ରାପଡ଼ା ବ୍ଲକ କୁତରଙ୍ଗ ଘରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ସଂକ୍ଷେପରେ

### ଓଳାଭର ମୁଖ୍ୟ ରାସ୍ତାରେ ବଢୁଛି ଟ୍ରାଫିକ୍ ସମସ୍ୟା



ରାଜକନିକା,୧୯।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭର ମାର୍କେଟ ଏକ ବ୍ୟବସାୟ ପେଣ୍ଠସ୍ଥଳୀ ହୋଇଥିବା ବେଳେ, ଦୈନିକ ମାର୍କେଟରେ ଭିଡ଼ ପରିଲକ୍ଷିତ ହୋଇଥାଏ । ଏହି କ୍ରମରେ ବୁଧବାର ଓଳାଭର କଲେଜର କ୍ୟାଣ୍ଟିନ ଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ଗାଡିମୋଟର ପ୍ରବଳ ଭିଡ ରହିଥିଲା । ଏମିତିକି ତତ୍କାଳ ସେବା ଯୋଗାଉ ଥିବା ଅଗ୍ନିଶମ ଗାଡ଼ି ମଧ ଭିଡ଼ରେ ଫସି ରହିଥିବା ଦେଖିବାକୁ ମିଳିଥିଲା। ରାଜକନିକା ପଟୁ ଆସୁଥିବା ଏହି ଗାଡ଼ି ଭିଡ଼ରେ ପାଖାପାଖି ଅଧଘଣ୍ଟା କାଳ ଫସି ରହିଥିଲା । କଲେଜ କ୍ୟାଣ୍ଟିନରୁ ତାରିଣୀ ଛକ ମାତ୍ର ୫ଶହ ମିଟର ରାସ୍ତା ହୋଇ ନ ଥିବା ବେଳେ, ରାସ୍ତାର ବାମପଟେ କଲେଜ ପଡିଆ ଓ ଡାହାଣ ପଟେ ରାସ୍ତାକୁ ଲାଗି ବ୍ୟବସାୟଙ୍କ ଦୋକାନ ଘର ରହିଛି । ଏହି ରାସ୍ତାରେ କଟକ-ଭୁବନେଶରକୁ ଯିବାକୁ ଥିବା ବସ୍‌ଗୁଡିକ ପାର୍କିଂକରି ରହୁଥିବା, ମଟର ସାଇକେଲ, ୩ଚକିଆ, ୪ଚକିଆ ଆଦି ଯାନ ଏହି ସଙ୍କୁଚିତ ରାସ୍ତାରେ ପାର୍କିଂ କରିବା ଦ୍ୱାରା ସଙ୍କୁଚିତ ରାସ୍ତାଟି ଆହୁରି ସଙ୍କୁଚିତ ହୋଇଯାଉଛି । ସୂଚନାଯୋଗ୍ୟ ଏହି ରାସ୍ତାରେ ଜବରଦଖଲ ହଟାଇବା ପାଇଁ ମଙ୍ଗଳବାର କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଚିଠି ନଂ:୩୪୧୪ର ଏକ କ୍ୟାମ୍ପକେର୍ଟ ଜରିଆରେ ଆଗାମୀ ୩୦ଦିନ ମଧ୍ୟରେ ଜୋରିମାନା ସହ ୨୭ ଜଣଙ୍କୁ ଜବରଦଖଲ ଉଚ୍ଛେଦ କରିବାକୁ ନୋଟିସ ଜାରି କରିଛନ୍ତି ।

### ୧୫୦୦ ବାତ୍ୟାବିପନ୍ନ ପରିବାରକୁ ସହାୟତା

ରାଜନଗର, ୧୯।୧୨
(ଭାସ୍କର ରାଉତରାୟ)

ବାତ୍ୟା ଦାନା ରାଜନଗରରେ ସ୍ଥଳଭାଗ ଛୁଇଁ ଥିଲା। ରାଜନଗରରେ ଦାନା ସ୍ଥଳଭାଗ ଛୁଇଁବା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ସିୱାଇଏସ୍‌ଡି ସଂସ୍ଥା ପକ୍ଷରୁ ୧୫ଶହ ବାତ୍ୟା ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ବାତ୍ୟା ପ୍ରଭାବିତ ଲୋକେ କିପରି ସଳଖି ଛିଡା ହେବେ ଓ ସମାଜର ମୁଖ୍ୟ ସ୍ରୋତକୁ ପୁଣି ଫେରିବେ, ସେଥିପାଇଁ ଏହି ସହାୟତା ପ୍ରଦାନ କରାଯାଇଛି। ସିୱାଇଏସ୍‌ଡିର ପ୍ରତିଷ୍ଠାତା ଜଗଦାନନ୍ଦଙ୍କ ପରାମର୍ଶ ଏବଂ ପ୍ରଫୁଲ୍ଲ ରାଉତଙ୍କ ତତ୍ତ୍ୱାବଧାନରେ ସଂସ୍ଥାର ୧୧ ଜଣିଆ ଟିମ୍ ବାତ୍ୟାବିପନ୍ନ ଅଞ୍ଚଳରେ ବିପନ୍ନ ପରିବାରକୁ ଚିହ୍ନଟ କରି ଏହି ସହାୟତା ପ୍ରଦାନ କରିଛନ୍ତି। ସାତଭାୟା, କଣ୍ଡିରା, ଗୁପ୍ତି ପଞ୍ଚାୟତର କ୍ଷତିଗ୍ରସ୍ତ ୧୫ଶହ ପରିବାରକୁ ସ୍ୱଚ୍ଛତା ସାମଗ୍ରୀ, ଘରକରଣା ସାମଗ୍ରୀ ସମେତ ନଗଦ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳ ନିକଟରେ ବିପନ୍ନ ପରିବାରକୁ ଏହି ସହାୟତା ପ୍ରଦାନ କରାଯାଇଛି।

### ସଂକୀର୍ତ୍ତନପ୍ରେମୀ ଶତାୟୁ ବୃଦ୍ଧଙ୍କ ପରଲୋକ

ଡେରାବିଶ, ୧୯।୧୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ବଡ଼ମଙ୍ଗରାଜପୁର ଗାଁର ସଂକୀର୍ତ୍ତନପ୍ରେମୀ ଶତାୟୁ ବୃଦ୍ଧ କୃଷ୍ଣଚନ୍ଦ୍ର ମହାଭୋଇ(୧୦୫)ଙ୍କ ସୋମବାର ବିଳମ୍ବିତ ରାତ୍ରରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର



ଅଞ୍ଚଳର ସମସ୍ତ ସଂକୀର୍ତ୍ତନ ପ୍ରେମୀ ଓ ଅଞ୍ଚଳବାସୀ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଶତାୟୁ ବୃଦ୍ଧଙ୍କ ମୃତ୍ୟୁ ଶଯ୍ୟା ନିକଟରେ ୩ ପୁଅ, ବୋହୂ, ଝିଅ, ଜ୍ୱାଇଁଙ୍କ ସମେତ ନାତୁଣୀନାତିମାନେ ଉପସ୍ଥିତ ରହିଥିଲେ। ବୃଦ୍ଧ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ସୂଚନା ପାଇଁ ଶତାଧିକ ସଂଖ୍ୟାରେ ସଂକୀର୍ତ୍ତନ ପ୍ରେମୀ ଓ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀଙ୍କ ହରିନାମ ମଧ୍ୟରେ କୃଷ୍ଣଚନ୍ଦ୍ରଙ୍କ ମୃତଦେହକୁ ଶୋଭାଯାତ୍ରରେ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ କୃଷ୍ଣଚନ୍ଦ୍ରଙ୍କ ବଡ଼ ପୁଅ ଅବସରପ୍ରାପ୍ତ ଶିକ୍ଷକ ତଥା ବେତାର କଣ୍ଠ ଶିଳ୍ପୀ ଅଲେଖ ଚନ୍ଦ୍ର ମହାଭୋଇ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ମଝିଆ ପୁଅ ଅଶୋକ ଓ ସାନପୁଅ ଅଭୟ ମହାଭୋଇ ଉପସ୍ଥିତ ରହିଥିଲେ।

# ମଣ୍ଡି ଅପେକ୍ଷାରେ ଚାଷୀ

କେନ୍ଦ୍ରାପଡ଼ା, ୧୯।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଖରିଫ ଧାନଚାଷୀ ମଣ୍ଡି ଅପେକ୍ଷାରେ ଅଛନ୍ତି। ନଭେମ୍ବର ଶେଷ ସପ୍ତାହ ସୁଦ୍ଧା ଅଧିକାଂଶ ଚାଷୀ ଧାନ ଅମଳ କରିଥିଲେ ମଧ ମଣ୍ଡି ଅଭାବରୁ ବିକ୍ରି କରିପାରିନାହାନ୍ତି। ଏଥିପାଇଁ ଅଭାବୀ ବିକ୍ରିର ସୁଯୋଗ ବ୍ୟବସାୟୀ ଗୋଷ୍ଠୀ ନେଉଛନ୍ତି। ସରକାରୀ ମଣ୍ଡିରୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ମିଳିବାକୁ ଥିବାବେଳେ ମାତ୍ର ୧୭୦୦ରୁ ୧୮୦୦ ଟଙ୍କାରେ ଗୋଟାଏ କୁଇଣ୍ଟାଲ ଧାନ ବୁଲା ବେପାରୀଙ୍କୁ ଦେବାକୁ ପଡୁଛି। ୨୦୨୫ ଜାନୁଆରୀ ୧୦ରେ ମଣ୍ଡି ଖୋଲାଯିବ ବୋଲି ଯୋଗାଣ ବିଭାଗ ସୂଚନାରୁ ଜଣାପଡ଼ିଛି।

ଜମ୍ବୁର ଚାଷୀ ଜିତେନ୍ଦ୍ର ସାମଲ କହିଛନ୍ତି, ଆସନ୍ତା ଜାନୁଆରୀ ପର୍ଯ୍ୟନ୍ତ ଧାନ ବିକ୍ରି ପାଇଁ ଅପେକ୍ଷା ସମ୍ଭବ ନୁହେଁ। ହାତଉଧାରି ଋଣ ଶୁଝିବା ପାଇଁ ସ୍ଥାନୀୟ ମହାଜନଙ୍କ ଚାପ ବହୁତ ପଡୁଛି। ଏହା ବ୍ୟତୀତ ମହାକାଳପଡ଼ା ପାକ୍ସ ଏଠାରୁ ୧୫ କିଲୋମିଟର ଦୂର। ମାତ୍ର ୩ କୁଇଣ୍ଟାଲ ଧାନ ଏଥର ବିକ୍ରି ପାଇଁ ବଳକା ଥିଲା। ସରକାରୀ ଧାର୍ଯ୍ୟ ଦରରେ ମଣ୍ଡିରେ ବିକ୍ରି କରିଥିଲେ ଅଧିକ ଲାଭ ହୋଇଥାନ୍ତା। ମଣ୍ଡି ଖୋଲିବା ବିଳମ୍ବ ଯୋଗୁ ଏହି ଧାନକୁ



ରାଜନଗର ବ୍ଲକ ବରାହପୁରରେ ଧାନ ଗଦା।

## ଆରମ୍ଭ ହେଲାଣି ଖରିଫ ଧାନର ଅଭାବୀ ବିକ୍ରି

୫୪୦୦ ଟଙ୍କାରେ ବ୍ୟବସାୟୀଙ୍କୁ ବିକ୍ରି କରି ଦେଇଛି। ସେହିପରି ରାଜନଗର ବ୍ଲକ ବାର୍‌ହାପୁର ଗ୍ରାମର ଅଶୋକ ରାଉତ କହିଛନ୍ତି, ଚଳିତବର୍ଷ ଖରିଫ ଧାନ ଫସଲ ଭଲ ହୋଇଛି। ପ୍ରାୟ ୧୮ ଏକର ଜମିରେ ଚାଷ ହୋଇଥିଲା। ଏହି ଫସଲ ରଖିବାକୁ ସ୍ଥାନ ଅଭାବରୁ ପର୍ଯ୍ୟାୟ କ୍ରମେ ଅମଳ କରାଯାଇ ବ୍ୟବସାୟୀଙ୍କୁ ବିକ୍ରି କରାଯାଉଛି। ଗ୍ରାମରେ ସରକାରୀ ଖଳା ନ ଥିବାରୁ ଏହି ଅବସ୍ଥା ସୃଷ୍ଟି ହୋଇଛି। ଏହାବ୍ୟତୀତ ଖୋଲା ଆକାଶ ତଳେ ଫସଲ ସୁରକ୍ଷିତ ନୁହେଁ ବୋଲି ସେ ମତ ଦେଇଛନ୍ତି। ବଡିଘର ଗ୍ରାମର ହରିପଦ ମଣ୍ଡଳ କହିଛନ୍ତି, ମଣ୍ଡିରେ ଧାନ ଦେବା ଏତେ ସହଜକଥା ନୁହେଁ। ଗମନାଗମନ ପାଇଁ ନଦୀ ଓ ନାଳ ବାଧକ ସାଜିଛି। ନଦୀ ଆରପାଖରେ ଥିବା ମଣ୍ଡିକୁ ଚାଷୀ ଧାନ ନେବା ଅପେକ୍ଷା ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଏପରି ଅସୁବିଧା ଥିବା ସ୍ଥାନରେ ସରକାରୀ ମଣ୍ଡି ଖୋଲିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ସିଏସ୍‌ଓ ଶ୍ରୀନିବାସ ସାହୁଙ୍କୁ ପଚାରିବାରେ ଚଳିତ ଥର ପ୍ରଥମ ପର୍ଯ୍ୟାୟରେ ଜିଲାରୁ ୮ ଲକ୍ଷ ୫୩ ହଜାର ଟନ ଖରିଫ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଜିଲାରେ ୧୧୮ ସମବାୟ ସମିତି ସହ ଅତିରିକ୍ତ ୪ଟି ପାକ୍ସ ଖୋଲାଯାଇଛି। ଧାନ କ୍ରୟ ଆସନ୍ତା ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ଧାନ କ୍ରୟ ପାଇଁ ମିଲରଙ୍କ ନିଯୁକ୍ତି ଶେଷ ପର୍ଯ୍ୟାୟରେ ଅଛି। ଅଦ୍ୟାବଧି ୪୪ ହଜାରରୁ ଅଧିକ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଧାନ ଅମଳ ଏବେ ଆରମ୍ଭ ହୋଇଥିବା ସିଏସ୍‌ଓ ସାହୁ ପ୍ରକାଶ କରିଥିବା ବେଳେ ଅଭାବୀ ବିକ୍ରିକୁ ସେ ଅସ୍ୱୀକାର କରିଛନ୍ତି।

## ଚଢ଼େଇଖିଆ-ଖରସ୍ରୋତା କେନାଲରୁ ବନ୍ଧ ହଟିଲା

ରାଜକନିକା, ୧୯।୧୨(ରବୀନ୍ଦ୍ର କୁମାର ଦାସ)

ରାଜକନିକା ପେଗରପଡ଼ା ପଞ୍ଚାୟତ ବଳିଭଣ୍ଡା ଗାଁ ତଳେ ଯାଇଥିବା ଚଢେଇଖିଆ ଖରସ୍ରୋତା କେନାଲକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏକ କଲଭର୍ଟକୁ ଉଠାଇ ବ୍ରିଜ ନିର୍ମାଣ କରିବା ପାଇଁ ଦୀର୍ଘଦିନ ହେବ ଉଜାଙ୍ଗ ନିକଟରେ ପୋତି ବନ୍ଧ କରିଥିଲେ। ଡାଲୁଅ ଧାନ କରିଥିବା ଚାଷୀମାନେ ଜିଲାପାଳଙ୍କୁ ଅଭିଯୋଗ କରିବା ପରେ ଗୁରୁବାର ଏହାକୁ ପ୍ରଶାସନ ପକ୍ଷରୁ ହଟାଇ ଦେଇଛି। କେନାଲରେ ବନ୍ଧ ଯୋଗୁ ଚାଷୀ କରିଥିବା ପାଖାପାଖି ୫୦୦ ଏକର ଡାଲୁଅ ଧାନ ଜମିକୁ ପାଣି ଆସିବାରେ ପ୍ରତିବନ୍ଧକ ହୋଇଥିଲା। ଏଥିସହ ଡ଼ାଲୁଅ ଚାଷ କରିଥିବା ଦେଉଳସାହି, ନରସିଂହପୁର, ପେଗରପଡା, ଓଳାଭର ସାହି, ବରୁଣା ଅଞ୍ଚଳର ଚାଷୀ ପାଣି ପାଇଁ ହତାଶ ହେଉଥିଲେ। ଏହାକୁ ବିରୋଧ କରି ପ୍ରତିବାଦ ସ୍ୱରୂପ ଅଞ୍ଚଳର ଚାଷୀମାନେ ଗ୍ରାମ୍ୟ ଉନ୍ନୟନ ବିଭାଗ, ରାଜକନିକା ପ୍ରଶାସନ, ଜନଶୁଣାଣିରେ ଗୁହାରି କରି ବିଫଳ ହୋଇଥିଲେ। ସୋମବାର ବାଘବୁଦା ପଞ୍ଚାୟତ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣିରେ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିବା ସହ ଜିଲାପାଳଙ୍କ ଗାଡ଼ି ଆଗରେ ଶୋଇ ରହି ପ୍ରତିବାଦ କରିଥିଲେ। ତୁରନ୍ତ ଜିଲାପାଳ ଏହି ଘଟଣାକୁ ଗୁରୁତର ସହ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ କେନାଲରୁ ବନ୍ଧ ହଟାଇ ନାଳ ପାଣିକୁ ସ୍ୱାଭାବିକ ଭାବେ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପେକ୍ଷୀରେ ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ, କର୍ମଚାରୀ ଓ ରାଜକନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାଳରୁ ବନ୍ଧକୁ ଜେସିବି ଲଗାଇ ହଟାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳର ଶତାଧିକ ଚାଷୀଙ୍କ ମନରେ ଖୁସିର ଲହରି ଦେଖିବାକୁ ମିଳିଛି।



ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡେକନାଲ କରାଯାଇଥିବା ବନ୍ଧକୁ ହଟାଯାଉଛି।

# ଭିତ୍ତିଭୂମି, ପିଲାମାନଙ୍କ ଖାଦ୍ୟ ପରଖିଲେ

- ଆବାସିକ ବିଦ୍ୟାଳୟ ଜନଜାତି ଅନ୍ତେବାସୀଙ୍କ ସହ ସଚିବଙ୍କ ଭାବ ବିନିମୟ
- ସରକାରୀ ଅର୍ଥ ବ୍ୟୟ, ଉନ୍ନୟନମୂଳକ କାର୍ଯ୍ୟ ପ୍ରତି ଗୁରୁତ୍ୱାରୋପ

ମହାକାଳପଡ଼ା,୧୯।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଡିଖିରୀ ଆବାସିକ ବିଦ୍ୟାଳୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନଙ୍କ ସହ ଜିଲାପାଳ ଓ ବରିଷ୍ଠ ଅଧିକାରୀ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଡିଖିରି ଆବାସିକ ବିଦ୍ୟାଳୟ ପରିସରରେ ଜନଜାତି ପିଲାମାନଙ୍କ ସହ ଗୁରୁବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥିଭାଥନନ୍ ଭାବ ବିନିମୟ କରିଛନ୍ତି। ପିଲାମାନଙ୍କୁ ଦିଆଯାଉଥିବା ଖାଦ୍ୟ ପରଖିବା ସହ ଅଣ୍ଡା, ମାଛ, ମାଂସ ଓ ପନିପରିବା ସହ ଭାତ ତରକାରି ଖାଇବାକୁ ଠିକ୍‌ଠାକ୍ ଦେଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଉପରେ ଜିଲା ପ୍ରଶାସନ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ, ସ୍ଥାନୀୟ ମୁରବିମାନଙ୍କ ସହ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ନିବାସ ବୁଲି ଦେଖିଥିଲେ। ପିଲାମାନଙ୍କ ସ୍ୱାସ୍ଥ୍ୟ ସେବା ପାନୀୟଜଳ ଓ ପୋଷାକ ଉପରେ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ଆବାସିକ ବିଦ୍ୟାଳୟରେ ରୋଷେଇ ଘର, ଡାଇଁଙ୍ଗ ହଲ, ଖେଳପଡ଼ିଆ, ଶିକ୍ଷକମାନଙ୍କ ଅଭାବ ରହିଛି ବୋଲି ସଚିବଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା।

ଏହି ବିଦ୍ୟାଳୟରେ ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ଜନଜାତି ଛାତ୍ରୀଛାତ୍ର ୧୮୫ ଅନ୍ତେବାସୀ ରହି ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ଆଦିବାସୀ ଆବାସିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୨୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପରେ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର, ଉଚ୍ଚ ପାଣିଟାଙ୍କି, ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ଉପରେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ସଚିବଙ୍କ ଅପରାହ୍ନରେ ବ୍ଲକର ନାଞ୍ଜୁରା ସେବା ସମବାୟ ସମିତି ଧାନମଣ୍ଡି ସ୍ଥିତାବସ୍ଥା, ଇଟା କଣ୍ଡିଆ ଗୋବରୀ ଶାଖା ନାଳରେ ନିର୍ମାଣାଧୀନ ବିଜୁ ସେତୁ, ଖରିନାସୀସ୍ଥିତ ବରିଷ୍ଠ ନିବାସ ଆବାସିକସ୍ଥଳ ଗସ୍ତ ସୂଚୀ କାର୍ଯ୍ୟକ୍ରମ ରହିଥିଲା। ଅପରାହ୍ନରେ ଉପାନ୍ତ ଅଞ୍ଚଳ ବିଳମ୍ବ ହେବା ନେଇ ସଚିବ ପାରାଦୀପ ଫେରିଥିବା କୁହାଯାଇଛି। ସଚିବ ସଚିନଙ୍କ ଗସ୍ତ ସମୟରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ପ୍ରଧାନଙ୍କୁ ପଚାରିବାରେ ସଚିବ ସଚିନ ଆବାସିକ ବିଦ୍ୟାଳୟସ୍ଥିତି ପରଖିବା ସହ ପିଲାମାନଙ୍କର ଖାଦ୍ୟ ଉପରେ ଆଲୋଚନା କରିଥିଲେ। ସରକାରୀ ଅର୍ଥ ବ୍ୟୟ ବରାଦ ଓ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଳମ୍ବ ଯୋଗୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବାତିଲ ହେଲା ବୋଲି ସେ କହିଛନ୍ତି।

## ନିଆଁ ଲାଗି ଜଳିଗଲା ୪ ବଖରା

ରାଜକନିକା,୧୯।୧୨(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ ମଙ୍ଗଳପୁର ଗାଁର ଚକ୍ରଧର ମଲିକଙ୍କ ଛଣ ଛପର ୪ ବଖରା ଗୁରୁବାର ମଧ୍ୟାହ୍ନ ୧୨ଟାରେ ବିଦ୍ୟୁତ୍‌ ଶର୍ଟସର୍କିଟ କାରଣରୁ ନିଆଁ ଲାଗିଯିବାରୁ ପୋଡି ପାଉଁଶ ହୋଇଯାଇଛି। ତେବେ ରାଜକନିକା ଦମକଳ ବାହିନୀ ଖବର ପାଇ ନିଆଁକୁ ଆୟତ୍ତ କରିବା ପୂର୍ବରୁ ଘର ଜଳି ଯାଇଥିଲା। ତେବେ ଚକ୍ରଧରଙ୍କର ଘରେ ଥିବା ସମସ୍ତ ଆସବାବପତ୍ର, ଜିନିଷ, ଆଲମିରା, ଟିଭି, ଲୁଗାପଟା, ସୁନା, ରୁପା ଅଳଙ୍କାର, ଧାନ ଓ ଚାଉଳ ସବୁ ପୋଡି ନଷ୍ଟ ହୋଇଯାଇଛି। ତାଙ୍କୁ ସରକାରୀ ସାହାଯ୍ୟ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ ପୌର ପରିଷଦ ବିଜେଡିର ଡିଜିଟାଲ ସଭ୍ୟ ତାଲିମ

ପଟ୍ଟାମୁଣ୍ଡାଇ, ୧୯।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଆଗଧାଡ଼ିର ନେତୃତ୍ୱ ସମେତ ଯୁବକମାନଙ୍କୁ ଡିଜିଟାଲ ପ୍ଲାଟଫର୍ମରେ ବିଜେଡି ସଭ୍ୟ ସଂଗ୍ରହ ପାଇଁ ସ୍ଥାନୀୟ କାର୍ଯ୍ୟାଳୟରେ ଗୁରୁବାର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ତତ୍ତ୍ୱାବଧାନରେ ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ବୁଡ଼ା ଲେଙ୍କାଙ୍କ ଉପସ୍ଥିତିରେ ହୋଇଥିଲା। ଏଥିରେ ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଡିଜିଟାଲ ସଂଯୋଜକ ଜ୍ୟୋତ୍ସ୍ନା ପରିଡା, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ ପ୍ରମୁଖ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ, ଓ ଆଭିମୁଖ୍ୟକୁ ସର୍ବାଗ୍ରେ ରଖି ସମଗ୍ର ନିର୍ବାଚନମଣ୍ଡଳୀରୁ କିପରି ଅଧିକ ମାତ୍ରାରେ ସଭ୍ୟ ସଂଗ୍ରହ କରିହେବ ଏ ସମ୍ପର୍କରେ ସମସ୍ତ ନେତୃବୃନ୍ଦମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ନଗର ବିଜେଡି ପକ୍ଷରୁ ବହୁ ନେତା, କାଉନସିଲର ଓ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ୨୫ରୁ ଡେରାବିଶ ମହୋତ୍ସବ

ଡେରାବିଶ,୧୯।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ମହୋତ୍ସବ ଆସନ୍ତା ୨୫ରୁ ୩୧ ତାରିଖ ଯାଏ ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ୩୧ତମ ମହୋତ୍ସବ ପାଇଁ ବୁଧବାର ଚାଟରାଚକଡା ପଞ୍ଚାୟତର କିରଣକୁଞ୍ଜଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ଉପ ସଭାପତି ମହେନ୍ଦ୍ର କୁମାର ସିଂହ ଏହି ବୈଠକରେ ଅଧକ୍ଷତା କରି ୭ଦିନ ଧରି ଅନୁଷ୍ଠିତ ହେବାକୁ ଏହି ମହୋତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ଚଳିତ ବର୍ଷ ମହୋତ୍ସବକୁ ଅଧିକ ସରସ ସୁନ୍ଦର ଓ ଆକର୍ଷିତ କରିବା ପାଇଁ ଡେରାବିଶ ସମେତ ଜିଲାର ଲୋକକଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାଧନ୍ୟ ଦିଆଯିବା ସହ ବାହାର ଜିଲାରୁ ପ୍ରତିଷ୍ଠିତ ନୃତ୍ୟ ଓ ସଙ୍ଗୀତ କଳାକାରମାନଙ୍କ ନୃତ୍ୟ ପ୍ରଦର୍ଶନକୁ ଗୁରୁତ୍ୱ ଦେବା ଉପରେ ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହିତ ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ସାରସ୍ୱତ ସମାବେଶ ପାଇଁ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଆମନ୍ତ୍ରିତ କରିବା ଉପରେ ମଧ ଆଲୋକପାତ କରାଯାଇଥିଲା। ବ୍ଲକ ଅଧୀନ ୨୬ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ସହଯୋଗ କାମନା କରାଯିବା ସହ ସେମାନଙ୍କୁ ନିମନ୍ତ୍ରଣ କରାଯିବାକୁ ଚାଟରାଚକଡା ସମିତିସଭ୍ୟ ନିରଞ୍ଜନ କରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ବୈଠକରେ ବିଡିଓ ନମିତା ବାରିକ, ଡେରାବିଶ ଥାନା ଅଧିକାରୀ କିଶୋର ଚନ୍ଦ୍ର ତରାଇ, ମହୋତ୍ସବର ମୁଖପତ୍ର ଦୀଗଦର୍ଶନି ପାଇଁ ଲେଖା ପଠାଇବାକୁ ଚାହୁଁଥିବା ବ୍ୟକ୍ତିମାନେ ଦିନେ ଦୁଇ ଦିନ ଭିତରେ ଦେବା ପାଇଁ ସଙ୍ଗଠନ ସମ୍ପାଦକ ଗୁରୁଚରଣ ସେଠୀ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ଉପଦେଷ୍ଟା ହଳଧର ସାହୁ, ବ୍ଲକ ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, ଭବାନୀ ପ୍ରସାଦ ଓଝା, ଅଧାପକ ଗୋଲଖଚନ୍ଦ୍ର ମହାଭୋଇ ଓ ପ୍ରଭାକର ସାମଲ, ଜୟନ୍ତ କୁମାର ବଳ, ସରପଞ୍ଚ ଅକ୍ଷୟ କୁମାର ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପିଲା ଘରୁ ଆଣିଲେ, ବିଦ୍ୟାଳୟରେ ବିକିଲେ

ଆଦର୍ଶ ବିଦ୍ୟାଳୟରେ ଫ୍ଲେବର ଫିଏଷ୍ଟା କାର୍ଯ୍ୟକ୍ରମ

ରାଜନଗର, ୧୯।୧୨(ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଆଦର୍ଶ ବିଦ୍ୟାଳୟରେ ଗୁରୁବାର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ସ୍ୱାଦିଷ୍ଟ ଖାଦ୍ୟ କିଣିବା ସହ ଖାଇ ଆନନ୍ଦ ଉଠାଉଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ଫ୍ଲେବର ଫିଏଷ୍ଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ୧୩ଟି ଗ୍ରୁପରେ ବିଭକ୍ତ ହୋଇ ଘରୁ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ଆଣିଥିଲେ। ଚିକେନ ପକୋଡ଼ା, ଗୁପଚୁପ, ଠୁଙ୍କାପୁରୀ, ଆଳୁଦମ, ଏଗରୋଲ, ଚିକେନ ତନ୍ଦୁରୀ, ପୁରୀ ତରକାରି, ଦହିବରା, ଚାଟ୍ ଓ ପାମ୍ପଡିଚାଟ ଆଦି ଖାଦ୍ୟ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ବିକ୍ରି କରୁଥିଲେ। ସର୍ବାଧିକ ୨୦ ଟଙ୍କା ଓ ସର୍ବନିମ୍ନ ୧୦ ଟଙ୍କାରେ ବିଦ୍ୟାଳୟର ପିଲାମାନେ ଖାଦ୍ୟକୁ କିଣି ଖାଉଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ପିଲା ନିଜେ ପ୍ରସ୍ତୁତ କରି ଆଣିଥିବା ଖାଦ୍ୟକୁ ଅନ୍ୟ ଛାତ୍ରୀଛାତ୍ରଙ୍କୁ ବିକ୍ରି କରିଥିଲେ। ବିଦ୍ୟାଳୟ ପରିସରରେ ଦିନତମାମ ସ୍ୱାଦିଷ୍ଟ ଖାଦ୍ୟର ପସରା ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ଅଧକ୍ଷ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ଭାଗ ନେଇ ନିଜେ ମଧ ପିଲାଙ୍କଠାରୁ ଖାଦ୍ୟ କିଣି ଖାଇଥିଲେ।

## ଗ୍ରାମ ପଞ୍ଚାୟତ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ମାର୍ଶାଘାଇ,୧୯।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ସଭାଗୃହରେ ଗୁରୁବାର ଗ୍ରାମ ପଞ୍ଚାୟତ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୮ ଥିମରେ ଥିବା ସୁଶାସନ ବ୍ୟବସ୍ଥା ଉପରେ ଉପସ୍ଥିତ ସରପଞ୍ଚ, ସମିତିସଭ୍ୟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବିଡିଓ ପଞ୍ଚାନନ ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ରିସର୍ସ ପର୍ସନ ଭାବେ ନାରାୟଣ ଜେନା ଯୋଗଦେଇ ସୁଶାସନ ବ୍ୟବସ୍ଥାରେ ସାଧାରଣ ଲୋକ କେମିତି ଭଲ ସେବା ପାଇପାରିବେ, ସେମାନଙ୍କର କିଭଳି ସାମାଜିକ ଆର୍ଥିକ ଉନ୍ନତି ହେବ ତାହା ଉପରେ କହିଥିଲେ। ପଲ୍ଲିସଭା, ଗ୍ରାମ ସଭା, ବାଲ ସଭା, ମହିଳା ସଭା ଉପରେ ଗୁରୁତ୍ୱ ଦେଇଥିଲେ। ବ୍ଲକ ଜିପିଡିଓ ସୋନାଲି ବେଉରା, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି, ପ୍ରକୃତିରାଣୀ ମହାପାତ୍ର, ସରପଞ୍ଚ ରମେଶ ଚନ୍ଦ୍ର ଲେଙ୍କା, ପ୍ରଭାତ ଦାସ, ମନୋଜ ସ୍ୱାଇଁ, ବିକ୍ରମ କେଶରୀ ଦାଶ, ସଞ୍ଜୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ଭାବ୍ୟ ବର୍ଷା ପାଇଁ ଚିନ୍ତାରେ ଧାନଚାଷୀ

- ବିଲରେ ପଡିଛି ଧାନବସ୍ତା, କଚଡ଼ା
- ଫସଲ ଅମଳକୁ ନେଇ ବଢୁଛି ଚିନ୍ତା

ପଟ୍ଟାମୁଣ୍ଡାଇ,୧୯।୧୨(କଳ୍ପତରୁ ନାୟକ)



ଚାଷ ଜମିରେ ଧାନ କଟାଯାଇ କଚଡ଼ା ପଡ଼ିଛି।



ବର୍ଷାକୁ ଦୃଷ୍ଟିରେ ରଖି ଚାଷୀମାନେ ମେଶିନ ସାହାଯ୍ୟରେ ଧାନ ଅମଳ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏବେ ଚାଷୀମାନେ ଧାନ କଟାରେ ବ୍ୟସ୍ତ ଥିବାବେଳେ କେତେଜଣ ଧାନ କାଟି ବିଲରେ କଚଡ଼ା ପକାଇଛନ୍ତି। ଆଉ କେତେଜଣ ଚାଷୀ ମେଶିନରେ ଧାନକାଟି ବସ୍ତାକରି ବିଲ ଖଳାରେ ରଖିଛନ୍ତି। ଏପଟେ ବର୍ଷା ସମ୍ଭାବନା ନେଇ ଚାଷୀ ଆଖିରୁ ନିଦ ହଜିଗଲାଣି। ଗୁରୁବାର ଆକାଶ ମେଘାଚ୍ଛନ୍ନ ରହିଥିବାରୁ ଧାନ ଫସଲ ଅମଳକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଆସନ୍ତା ୨୧ ତାରିଖ ଯାଏ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଭାଗ ଏ ନେଇ ଆକଳନ କରିଛି। ଦକ୍ଷିଣ ଆଣ୍ଡାମାନ ସାଗର ଓ ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ ରହିଛି।

ଚାଷୀ ସୁଶାନ୍ତ ସାମଲ କହିଛନ୍ତି, ଜିଲାର ପଟ୍ଟାମୁଣ୍ଡାଇ ଅଞ୍ଚଳ ହେଉଛି ଭାତହାଣ୍ଡି। ଏଠାରେ ଅଧିକାଂଶ ଲୋକ ଧାନ ଫସଲ କରିଥାନ୍ତି। ଚଳିତବର୍ଷ ୧୧ ହଜାର ୩୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଆଖିରେ ସୁନେଲି ସ୍ୱପ୍ନ ଭରି ଭଲ ଅମଳ ଆଶାରେ ଧାର କରଜ କରି ଚାଷୀମାନେ ଧାନ ଚାଷ କରିଥିଲେ, ହେଲେ ବର୍ଷା ସମ୍ଭାବନା ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ି ମେଶିନ ସହାୟତାରେ ଜମିରୁ ଧାନ ଅମଳ କରୁଥିବା ଦେଖିବାକୁ ମିଳିଛି। କୃଷକ ବିଜୟ ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଧାନ ମଣ୍ଡି ଖୋଲି ନ ଥିବା ବେଳେ ସରକାର ଆସନ୍ତା ଜାନୁଆରୀ ୧୦ରେ ଖୋଲିବା ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଏବେ ପଟ୍ଟାମୁଣ୍ଡାଇ ଅଞ୍ଚଳର କେତେକ ଜାଗାରେ ଧାନ ଫସଲ ୪୦ ପ୍ରତିଶତ ମେଶିନରେ କଟା ଯାଇ ଅମଳ ହୋଇସାରିଛି। ବାକି ୨୦ ପ୍ରତିଶତ ଧାନ ବିଲରେ କଚଡା ପଡ଼ିଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଯଦି ବର୍ଷା ହୁଏ ବ୍ୟାପକ ଫସଲ ନଷ୍ଟ ହେବାର ସମ୍ଭାବନା ରହିଛି। ତେଣୁ ଚାଷୀ ଅମଳ କରିସାରିଥିବା ଧାନକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ଚାଷୀ ଅଭୟ ବଳ କହିଛନ୍ତି, ବର୍ଷାକୁ ନଜରରେ ରଖି ଚାଷୀ ନିଜର କଷ୍ଟ ଅର୍ଜିତ ଅମଳ ଧାନ ଫସଲକୁ କିଏ ଘୋଡେଇ ରଖୁଛି ତ ପୁଣି କିଏ ଟ୍ରାକ୍ଟରରେ ଆଣି ଘରେ ସାଇତି ରଖୁଛି। ଆଉ କିଏ ଧାନ ଗଛ ଭୂମିରେ ପଡ଼ି ଯାଇଥିବା ଯୋଗୁ ନଷ୍ଟ ହେବା ଆଶଙ୍କା କରି ମେଶିନରେ ଧାନ କାଟିବାରେ ବ୍ୟସ୍ତ ରହିଛି। ଚାଷୀଙ୍କୁ ସରକାରୀ ସ୍ତରରେ ଧାନ ବିକ୍ରୟ କରିବାକୁ ଟୋକନ ଆସିନାହିଁ। ଜାନୁଆରୀ ଧାନ ମଣ୍ଡି ଖୋଲିବାକୁ ଥିବା ବେଳେ ବର୍ତ୍ତମାନ ଅଞ୍ଚଳର ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧୋୟାଞ୍ଚଳର ନରେନ୍ଦ୍ର ଧଳ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଳିତବର୍ଷ ଚାଷ ଆରମ୍ଭରେ ବିଳମ୍ବ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଧିମେଇ ଯାଇଥିଲା। ହେଲେ ବିଳମ୍ବରେ ହେଉ ମଧ ଭଲ ବର୍ଷା ହେବାରୁ କ୍ଷେତରେ ଧାନ ଫସଲ ଦେଖି ଚାଷୀ ଅମଳକୁ ନେଇ ଖୁସିରେ ଥିଲେ। ହେଲେ ଲଘୁଚାପ ବର୍ଷା ଆଶଙ୍କା ଥିବା ଜାଣିବା ପରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଯଦି ବର୍ଷା ଦୁଇଦିନ ଧରି ଲାଗି ରହେ ତା'ହେଲେ ଚାଷୀ ଅମଳ କରିଥିବା ଧାନଗୁଡିକ ବିଲ ଖଳାରେ ପଡ଼ି ରହିଥିବାରୁ ଖରାପ ହେବାର ସମ୍ଭାବନା ରହୁଛି। ଏହାଛଡା ଧୋୟାଞ୍ଚଳରେ ବହୁ ଚାଷୀ ପରିବା, ବିରି, ଚାଷ କରିଥିବାବେଳେ ବର୍ଷା ହେଲେ ତାହା ମଧ ପ୍ରଭାବିତ ହେବ ବୋଲି ଅଶଙ୍କା ପ୍ରକାଶ ପାଇଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ନୂଆଗାଁ, ୧୯।୧୨ (ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ଓଡ଼ଗାଁ ଥାନା ବେରୁଆବାରୀ ପଞ୍ଚାୟତ ତୋଟାସାହିର ଜଣେ ବୃଦ୍ଧା ଗୁରୁବାର ପୋଖରୀରେ ବୁଡ଼ି ଯିବାରୁ ମୃତ୍ୟୁ ଘଟିଛି। ବୃଦ୍ଧା ଜଣକ ହେଲେ ଗଣ୍ଡେଇ ସାହୁ (୮୪)। ତୋଟାସାହି ଗ୍ରାମର ଦୀନବନ୍ଧୁ ସାହୁଙ୍କ ସ୍ତ୍ରୀ ଗଣ୍ଡେଇ ସାହୁ ଘର ନିକଟରେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ତାଙ୍କର ଗୋଡ଼ ଖସିଯିବାରୁ ପୋଖରୀର ଗଭୀର ପାଣିରେ ବୁଡ଼ି ଯାଇଥିଲେ। ତେବେ କିଛି ସମୟ ପରେ ବୃଦ୍ଧା ଜଣକ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ବୃଦ୍ଧାଙ୍କୁ ଉଦ୍ଧାର କରି ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଖଣ୍ଡପଡ଼ା, ୧୯।୧୨ (ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ଓ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ଶିକ୍ଷାଦାନ କରି କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ସୁନାମଧନ୍ୟ ଶିକ୍ଷକ ନାରାୟଣ ରଥ (୯୫)ଙ୍କର ଗୁରୁବାର ଭୋରୁ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ



ରଥ ଜଣେ ସୁନାମଧନ୍ୟ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସାଧାରଣରେ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଖୁଣ୍ଟାପଡ଼ା ଗ୍ରାମସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ରଥଙ୍କ ବିୟୋଗରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଶୋକ ପ୍ରକାଶ କରିଛନ୍ତି। ରଥଙ୍କ ଆତ୍ମାର ସଦ୍‌ଗତି ପାଇଁ ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶୋକସଭାର ଆୟୋଜନ କରାଯାଇ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ଚାଷୀଙ୍କ ଚିନ୍ତା ବଢ଼ାଇଛି ମେଘୁଆ ପାଗ

ଗଞ୍ଜାମ, ୧୯।୧୨ (ବିଦ୍ୟାଧର ସାହୁ)

ଦୁଇଦିନ ହେଲା ମେଘୁଆ ପାଗ ଚାଷୀଙ୍କ ଚିନ୍ତା ବଢ଼ାଇଛି। ଗଞ୍ଜାମ ବ୍ଲକ ଅଞ୍ଚଳରେ ୮ ହଜାର ୭୮୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ବର୍ତ୍ତମାନ ସବୁ ଜମିରେ ଧାନ ପାଚି ଗଲାଣି। କେତେକ ଚାଷୀ ଧାନ ଅମଳ କରି ଘରକୁ ନେଇଥିବା ବେଳେ ଅଧିକାଂଶ ଚାଷୀଙ୍କ ଧାନ ଜମିରେ ପଡ଼ି ରହିଛି। ଯଦି ବର୍ଷା ହୁଏ ତା'ହେଲେ ପାଚିଲା ଧାନ ନଷ୍ଟ ହୋଇଯିବ। ମେଘୁଆ ପାଗ ସାଙ୍ଗକୁ କୋହଲା ପବନ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। କାରଣ ପବନ ଅଧିକ ହେଲେ ବିଲରୁ କଟାଯାଇ ନ ଥିବା ଧାନ ଝଡ଼ିଯିବ ବୋଲି ପୁଙ୍ଗତୋଳା ଗ୍ରାମର ଚାଷୀ ବୃନ୍ଦାବନ ସାହୁ କହିଛନ୍ତି।

### ଏଏପିର ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି

ଛତ୍ରପୁର, ୧୯।୧୨ (ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ସମ୍ବିଧାନ ପ୍ରଣେତା ବାବସାହେବ ଆମ୍ବେଡକରଙ୍କ ପ୍ରତି ଗୃହମନ୍ତ୍ରୀ ଅମିତ୍ ଶାହା ଦେଇଥିବା ଅପମାନସୂଚକ ମନ୍ତବ୍ୟ ପ୍ରତିବାଦରେ ଆମ ଆଦମୀ ପାର୍ଟି (ଏଏପି) ଗଞ୍ଜାମ ଜିଲା ସଙ୍ଗଠନ ପକ୍ଷରୁ ତାଙ୍କର ଇସ୍ତଫା ଦାବି କରାଯାଇଛି। ଏ ନେଇ ପ୍ରଧାନମନ୍ତ୍ରୀଙ୍କୁ ଜିଲାପାଳଙ୍କ କରିଆରେ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଆମ୍ବେଡକରଙ୍କ ଉଦ୍ଦେଶ୍ୟରେ ଗୃହମନ୍ତ୍ରୀଙ୍କର ଅଶାଳୀନ ଓ ଅପମାନଜନକ ଟିପ୍ପଣୀ କୋଟି କୋଟି ଭାରତୀୟଙ୍କ ଭାବାବେଗକୁ କୁଠାରାଘାତ କରିଛି। ବିରୋଧୀ ଦଳର ଅନେକ ଏମ୍‌ପି କେନ୍ଦ୍ର ସରକାରଙ୍କର ସମ୍ବିଧାନ ବିରୋଧୀ କାର୍ଯ୍ୟକଳାପର ଦୃଢ଼ ପ୍ରତିବାଦ କରିଥିଲେ। ଯଦି ଅମିତ ଶାହା ତୁରନ୍ତ ନିଜ କର୍ମର ପ୍ରାୟଶ୍ଚିତ ନ କରନ୍ତି ତେବେ ଏଏପି ତରଫରୁ ଧାରଣା ଦିଆଯିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

# ପ୍ରଶାସନ କଲାନି, ଗାଁ ରାସ୍ତା ମରାମତି କଲେ ଗ୍ରାମବାସୀ

ପାରଳାଖେମୁଣ୍ଡି, ୧୯।୧୨ (ଗିରିଧାରୀ ପରିଚ୍ଛା) ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉନ୍ନତି ଦିଗରେ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ସେଥିରୁ ଲୋକେ ସୁଫଳ ପାଉନାହାନ୍ତି। ଅନ୍ୟପକ୍ଷରେ ଲୋକଙ୍କ ପ୍ରକୃତ ସମସ୍ୟା ସମାଧାନ କରିବା ଲାଗି ଗ୍ରାମବାସୀ ପ୍ରଶାସନକୁ ଜଣାଉଥିଲେ ମଧ୍ୟ ଅଧିକାରୀମାନେ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଲୋକେ ନିଜ କାମ ନିଜେ କରିବାକୁ ନିଷ୍ପତ୍ତି ନେଉଛନ୍ତି। ଯେପରି ଗଜପତି ଜିଲାର ଗୁମ୍ମା ବ୍ଲକ ପରିଡା ପଞ୍ଚାୟତର ଜାନୀଗୁଡା ଗ୍ରାମବାସୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଗ୍ରାମ ରାସ୍ତା ମରାମତି କରିବା ପାଇଁ ବହୁବାର ପ୍ରଶାସନକୁ ଗ୍ରାମବାସୀ ଜଣାଇ କିଛି ସୁଫଳ ନ



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

ମିଳିବାରୁ ଶେଷରେ ଗ୍ରାମବାସୀ ଚାନ୍ଦା ଆଦାୟ କରି ଗୁରୁବାର ରାସ୍ତା ମରାମତି କରିଛନ୍ତି।

ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡ଼ା ପଞ୍ଚାୟତର ଆରଡ଼ି ରାସ୍ତାଠାରୁ ଜାନୀଗୁଡ଼ା ୩ କି.ମି. ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ୨୦ ପରିବାରର ଶତାଧିକ ଜନସଂଖ୍ୟା ବିଶିଷ୍ଟ ଏହି ଗାଁକୁ ଭଲ ରାସ୍ତା ଖଣ୍ଡେ ନାହିଁ। ଫଳରେ ଗ୍ରାମବାସୀ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ବର୍ଷା ହେଲେ ଗାଁକୁ ଆମ୍ବୁଲାନ୍ସ ଯାଇପାରେ ନାହିଁ। ସ୍ୱାସ୍ଥ୍ୟ ସେବା ମଧ୍ୟ ପ୍ରଭାବିତ ହୁଏ। ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବିଡିଓ, ଜିଲାପାଳ ଓ ଜନ ପ୍ରତିନିଧିଙ୍କୁ ଆମେ ଗ୍ରାମବାସୀ ଜଣାଇ କିଛି ସୁଫଳ ପାଇନୁ ବୋଲି କହନ୍ତି ଗାଁର ଲୁକ ଗମାଙ୍ଗ, ଧୁଖ ରଇତ, ସେରପନ ଭୂୟାଁ, ଆପଲ ରଇତ, ଜିରମିୟ ରଇତ ଓ ୱାର୍ଡ ମେମ୍ବର ଜୋବୁଲା ରଇତ। ପ୍ରଶାସନ ନ ଶୁଣିବାରୁ ଗ୍ରାମବାସୀ ନିଜ ଭିତରେ ଚାନ୍ଦା କରି ସେହି ଅର୍ଥରେ ମାଟି ଓ ମୋରମ ଆଣି ସମସ୍ତେ ଶ୍ରମଦାନ କରି ଗାଁ ରାସ୍ତା ମରାମତି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ନୂତନ ତହସିଲଦାରଙ୍କ ନୀଳମାଧବ ଜୀଉଙ୍କ ଦର୍ଶନ



ଖଣ୍ଡପଡ଼ା, ୧୯।୧୨ (ଅଜୟ କୁମାର ମହାରଣା)

ଦୀର୍ଘ ମାସର ପ୍ରତୀକ୍ଷା ପରେ ଖଣ୍ଡପଡ଼ା ତହସିଲଦାର ଭାବେ ବିଶ୍ୱ ବିସ୍ତୃତ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପଦବୀଟି ଖାଲି ପଡ଼ିଥିବା ବେଳେ ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା କାର୍ଯ୍ୟାଳୟ ପରିଚାଳନା ହେଉଥିଲା। ତ୍ରିପାଠୀ ମଙ୍ଗଳବାର ଖଣ୍ଡପଡ଼ା ନୂତନ ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ ପରେ ବୁଧବାର କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନରେ ଆସି ଆଶୀର୍ବାଦ କାମନା କରିଥିଲେ। ନୂତନ ତହସିଲଦାରଙ୍କୁ ନୀଳମାଧବ ପୂଜକ ସମାଜ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ସେବାସୀ ଓ ପୂଜକ ସମାଜର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ତ୍ରିପାଠୀଙ୍କ ମନ୍ଦିର ପରିଦର୍ଶନ ସମୟରେ ପୂଜକ ସମାଜର ସଭାପତି ସୀମାଞ୍ଚଳ ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ଉପଦେଷ୍ଟା ନିହାର ରଞ୍ଜନ ମିଶ୍ର, ଆଶିଷ କୁମାର ମିଶ୍ର, ଦେବୋତର ସୁପରଭାଇଜର ବାଇଧର ରାଉତ, ପ୍ରଭାତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ: ୪୩୫ ପଞ୍ଜୀକୃତ

ରଣପୁର, ୧୯।୧୨
(ସୁକାନ୍ତ କିଶୋର ଡାକୁଆ)

ରଣପୁର ବ୍ଲକ୍ ପରିସର ମଧ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ନିର୍ମଳା ବେହେରା, ଉପାଧ୍ୟକ୍ଷ, ଅନ୍ୟତମ ଅତିଥି ଭାବେ ବିଡିଓଙ୍କ ସହ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ୪୩୫ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକୃତ କରିଥିଲେ। ଅସ୍ଥିଶଲ୍ୟ ବିଭାଗରେ ସର୍ବାଧିକ ୧୯୪ଜଣ, ଦୃଷ୍ଟି ବାଧିତ ବିଭାଗରେ ୫୯ଜଣ, ଶ୍ରବଣ ବାଧିତରେ ୧୨୪ଜଣ, ମାନସିକ ଅନଗ୍ରସରରେ ୫୭ଜଣ ଓ ଭେଷଜ ବର୍ଗରେ ଜଣେ ସାମିଲ୍ ହୋଇଥିଲେ। ଅସ୍ଥିଶଲ୍ୟ ବିଭାଗର ଡା. ବିଏସ ରାଓ, ଚକ୍ଷୁ ରୋଗ ବିଶେଷଜ୍ଞ ପ୍ରସନ୍ନ ପ୍ରସାଦ



ସାହୁ, ସର୍ଜରୀ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ, ମେଡିସିନ ଓ ଅନ୍ୟାନ୍ୟ ବିଭାଗ ପାଇଁ ଡା. ଶତ୍ରୁଘ୍ନ ନାୟକ, ଶ୍ରବଣ ବାଧିତଙ୍କ ପାଇଁ ଡା. ପୀତବାସ ନାୟକ ଓ ଅଡିଓଲୋଜିଷ୍ଟ ଡା. ନିଷ୍ଠା ରଞ୍ଜନ ଦାଶ ଯୋଗଦେଇ ପଞ୍ଜୀକୃତ ଭିନ୍ନକ୍ଷମଙ୍କୁ ପରୀକ୍ଷା କରିଥିଲେ। ଏହାର ପରିଚାଳନା ଦାୟିତ୍ୱରେ ବ୍ଲକର ସମସ୍ତ କର୍ମଚାରୀ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସହଯୋଗ କରିଥିଲେ।

## ସାରସ୍ୱତ ଭକ୍ତ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ପାତ୍ରପୁର, ୧୯।୧୨ (ଉମା ଚରଣ ନେପାକ) ପାତ୍ରପୁର ବ୍ଲକ ତଣ୍ଡିପୁରସ୍ଥିତ ବିଶୁଦ୍ଧାନନ୍ଦ ମଠରେ ୨୨ ତାରିଖଠାରୁ ୩ ଦିନ ବ୍ୟାପୀ ୫୧ତମ ସାରସ୍ୱତ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ଗୁରୁବାର ଏହାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ୱାମୀ କୋମଳରୂପାନନ୍ଦ ସରସ୍ୱତୀ ଅଧ୍ୟକ୍ଷତା କରିଥିବା ବେଳେ ଶାନ୍ତି ଶୃଙ୍ଖଳାର ସହ କିପରି ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ ତାହା ଉପରେ ଉପସ୍ଥିତ କମିଟି ସଭ୍ୟଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ଭକ୍ତ ସମ୍ମିଳନୀ ଜିଲା, ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଧୁ ସନ୍ଥ, ଭକ୍ତ ଶିଷ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଋତୁପର୍ଣ୍ଣା ନାୟକ, ଅରୁଣ କୁମାର ପଣ୍ଡା, ବାଲାଜୀ ପାଣିଗ୍ରାହୀ, ଦେବରାଜ ପାଣିଗ୍ରାହୀ, ମନୋଜ ମଣ୍ଡଳ, ନିରଞ୍ଜନ ପାଣିଗ୍ରାହୀ, ସାଧୀନ ସାହୁ, ଯତୀନ କୁମାର ସାହୁ, ଦେବକୀ ନନ୍ଦନ ନାୟକ, ସୁକାନ୍ତ ପାଣିଗ୍ରାହୀ, ବିଶୁଦ୍ଧ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ନୃସିଂହ ମନ୍ଦିରର ମୁଖଶାଳା ଉନ୍ନତୀକରଣ ପାଇଁ ଦାବି



ଖଣ୍ଡପଡ଼ା, ୧୯।୧୨
(ଅଜୟ କୁମାର ମହାରଣା)

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଅନୁଦାନ ଅର୍ଥ ୪ ଲକ୍ଷ ଟଙ୍କା ବ୍ୟୟରେ ଖଣ୍ଡପଡ଼ା ସହରର ପ୍ରାଚୀନ ପ୍ରଭୁ ଶ୍ରୀନୃସିଂହ ଦେବଙ୍କ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ୬ମାସ ହେଲା ଚାଲୁ ରହିଛି। ମାତ୍ର ଅଦ୍ୟାବଧି ମନ୍ଦିରର ମୁଖଶାଳା ଉନ୍ନତିକରଣ କାର୍ଯ୍ୟ କରାଯାଇନାହିଁ। ପୂର୍ବପରି ଟିଣ ଛପର ତଳେ ମନ୍ଦିର ମୁଖଶାଳାର ଦୁଇପାର୍ଶ୍ୱରେ ସିଂହ ୨ଟି ମନ୍ଦିରର ଶୋଭାବର୍ଦ୍ଧନ କରୁଛନ୍ତି। ମାତ୍ର ମନ୍ଦିର ମୁଖଶାଳାର ଉନ୍ନତିକରଣ ଦିଗରେ ପ୍ରଶାସନ ଧ୍ୟାନ ନ ଦେଇ ଆଖିବୁଜି ଦେଇଥିବାରୁ ଖଣ୍ଡପଡ଼ା ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ଶ୍ରୀନୃସିଂହ ଦେବଙ୍କ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ସେଥିପ୍ରତି ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଉକ୍ତ ମନ୍ଦିର କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବ୍ଲକର ବରିଷ୍ଠ ଯନ୍ତ୍ରୀ ବ୍ରଜ କିଶୋର ମିଶ୍ରଙ୍କୁ ପଚାରିବାରେ ମନ୍ଦିରର ମୁଖଶାଳା ପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ରାଜନୀତି ଚଳଚଞ୍ଚଳ

ଭଞ୍ଜନଗର, ୧୯।୧୨ (ବାବୁଲା ପ୍ରଧାନ):

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଥିବା ବେଳେ ଭଞ୍ଜନଗର ସରସତୀ ଶିଶୁ ମନ୍ଦିରର ବିକାଶ ପାଇଁ ୨ କୋଟି ଟଙ୍କା ଅନୁଦାନ ଦେଇଥିଲେ । ଉକ୍ତ ଅର୍ଥରେ ହଷ୍ଟେଲ ଓ ନୂତନ ଶ୍ରେଣୀ ଗୃହ ନିର୍ମାଣ ହୋଇଥିଲା। ଉକ୍ତ କୋଠାଗୁଡ଼ିକ ଆସନ୍ତା ୨୬ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦଘାଟନ କରିବେ। ଏଥିସହ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେବେ। ଏହାପରେ ଆସନ୍ତା ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଞ୍ଜନଗର ଗସ୍ତରେ ଆସି ନିଖିଳ ଉତ୍କଳ ଆଇନଜୀବୀ ପରିଷଦର ଦୁଇ ଦିନିଆ ରାଜ୍ୟ ସମ୍ମିଳନୀକୁ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ତେଣୁ



ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସଭାସ୍ଥଳ ବୁଲି ଦେଖୁଛନ୍ତି।

ଭଞ୍ଜନଗର ରାଜନୀତି ଚଳଚଞ୍ଚଳ ହୋଇପଡ଼ିଛି। କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବା ପାଇଁ ଲୋକ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ମାନେ ପ୍ରସ୍ତୁତି ଚଳାଇଛନ୍ତି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଦୈନନ୍ଦିନ ଉଭୟ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମୟରେ ଭଞ୍ଜନଗର ଅଞ୍ଚଳର ରାଜନୀତି ପାଣିପାଗ ମଧ୍ୟ ବ୍ୟାପକ ପରିବର୍ତ୍ତନ ହେବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ଶିଶୁ ମନ୍ଦିର ପରିସରରେ ହିଁ କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଭା ହେବ। ତେଣୁ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଯେଉଁ ରାସ୍ତା ଦେଇ ଯିବେ, ଯେଉଁଠି ରହିବେ ସମ୍ପୃକ୍ତ ରାସ୍ତା ଓ ବଙ୍ଗଳାର ମରାମତି କାମ ଦ୍ରୁତ ଗତିରେ ଚାଲିଛି।

## ପାଣି ପଞ୍ଚାୟତ ପକ୍ଷ ପାଳନ ପାଇଁ ପ୍ରତିଯୋଗିତା

ଭଞ୍ଜନଗର, ୧୯।୧୨ (ବାବୁଲା ପ୍ରଧାନ)–ଆସନ୍ତା ୨୨ ତାରିଖରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ ହେବ। ଏହା ପୂର୍ବରୁ ଭଞ୍ଜନଗର ଜଳସେଚନ ବିଭାଜନ ଖଣ୍ଡ ପକ୍ଷରୁ ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ବୁଧବାର ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, କୁଇଜ, ରଚନା, ବିଜ୍ଞାନ ପ୍ରକଳ୍ପ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୨୨ ତାରିଖରେ ଭଞ୍ଜନଗର କାର୍ଯ୍ୟାଳୟ ପକ୍ଷରୁ ସୋରିଷମୁଳି ଡାକ ବଙ୍ଗଳା ଠାରେ ହେବାକୁ ଥିବା ଉଦଘାଟନୀ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ। ପ୍ରତିଯୋଗିତାଗୁଡ଼ିକୁ ଉହ ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ପଞ୍ଚୁ ବେହେରା, ଭଞ୍ଜନଗର ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପାତ୍ର, ସହକାରୀ ଯନ୍ତ୍ରୀ ରଶ୍ମି ରଞ୍ଜନ ରଥ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଯେ ଜମିକୁ ଜଳର ସୁଷମ ବଣ୍ଟନ ପାଇଁ ପାଣି ପଞ୍ଚାୟତ ପକ୍ଷ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି । ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ବିଭାଗ ପକ୍ଷରୁ ଆୟୋଜିତ ହେଉଛି।

## ରୋହିବାଙ୍କ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଓଡଗାଁ, ୧୯।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ରୋହିବାଙ୍କରେ ଗୁରୁବାର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉକ୍ତ ସଭାରେ ପଦ୍ମଶ୍ରୀ ସାବରମତୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସ, ରୋହିବାଙ୍କ ଗ୍ରାମ କମିଟି ସଭାପତି ରବୀନ୍ଦ୍ର ପ୍ରଧାନ, ସମ୍ପାଦକ ସନ୍ତୋଷ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଡିଲେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସନ୍ତୋଷ କୁମାର ସାହୁ ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ବେହେରା ସମ୍ପାଦକୀୟ ବିବରଣୀ ପ୍ରଦାନ ପରେ ପଦ୍ମଶ୍ରୀ ସାବାରମତି ବିଦ୍ୟାଳୟଟି ପଲିଥିନ ମୁକ୍ତ ଭାବେ ବିଗତ ପୂଜାରୁ କରାଯାଇଥିବାରୁ ବହୁତ ଖୁସି ବ୍ୟକ୍ତ କରିଥିଲେ। ଏହାସହ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବାକୁ ହେଲେ ସବୁଜିମା ପାଇଁ ବହୁମାତ୍ରରେ ଗଛ ଲଗାଇବା, ତାର ଯତ୍ନ ନେବା, ପ୍ଲାଷ୍ଟିକ ବର୍ଜନ କରିବା ଆଦିର ବ୍ୟବସ୍ଥା କେବଳ ପିଲାଙ୍କ ଦ୍ୱାରା ଶିକ୍ଷୟିତ୍ରୀଶିକ୍ଷକଙ୍କ ଉତ୍ତମ ତତ୍ତ୍ୱାବଧାନରେ ସମ୍ଭବ ହେବ ବୋଲି ପ୍ରକାଶ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ମା' ରାମଚଣ୍ଡୀ ପୀଠରେ ସାଧୁ ସମାବେଶ ଲାଗି ବୈଠକ

ଛତ୍ରପୁର, ୧୯।୧୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁରଠାରୁ ମାତ୍ର କିଛି ଦୂରରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ନୀଳାଦ୍ରିପୁରସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ବିଶାଳ ସାଧୁ ସମ୍ମିଳନୀ ଓ ଦ୍ୱିତୀୟ ବାର୍ଷିକ ଉତ୍ସବ ଆସନ୍ତା ଫେବୃୟାରୀ ମାସରେ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଛତ୍ରପୁର ଅଞ୍ଚଳର ବରିଷ୍ଠ ସମାଜିକ କର୍ମୀ ପ୍ରଶାନ୍ତ କରଙ୍କ ନେତୃତ୍ୱରେ ରାମାଧୀନ ସଂସ୍କୃତ କଲେଜ, ବ୍ରହ୍ମପୁରର ଅଧ୍ୟକ୍ଷ ହରିହର ଦାସ ଓ ଅନ୍ୟ ସନ୍ଥ ମାନେ ଅନୁଧ୍ୟାନ କରିବା ସହ ମା'ଙ୍କ ଆଶୀର୍ବାଦ ନେଇଛନ୍ତି । ସନ୍ଥମାନେ ଫେବୃଆରୀ ୧୮ ତାରିଖରେ ପୀଠରେ ହେବାକୁ ଥିବା ସନ୍ଥ ସମ୍ମିଳନୀ ଏବଂ ୧ ଲକ୍ଷ ବେଲପତ୍ର ଅର୍ଚ୍ଚନ କାର୍ଯ୍ୟକ୍ରମର ସୁବ୍ୟବସ୍ଥାକୁ ଲକ୍ଷ୍ୟ ରଖି ମନ୍ଦିର ପରିସର ନିରିକ୍ଷଣ କରିବା ସହ ଏକ ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଷୟ ଆଲୋଚନା କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସାରା ଓଡିଶାରୁ ସନ୍ଥ ଆସିବା ପାଇଁ ଆଲୋଚନା କରାଯାଇଛି। ବୈଠକରେ ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପୂଜା କମିଟି ଉପଦେଷ୍ଟା ତ୍ରିପତି ବାଲାଜୀ ମିଶ୍ର, ପୂଜା କମିଟି ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ, ସଂଯୋଜକ କମଲ ପଣ୍ଡା, ସହ ଜ୍ୟୋତିଷ ଦୀପକ କୁମାର ଦାସ, ମ୍ୟାନେଜର ସନ୍ତୋଷ ପଣ୍ଡା, ସୁଧୀର ମହାରଣା, ବରୁଣ ଚୌଧୁରୀ, ଉପେନ୍ଦ୍ର ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମର ରୁପରେଖ ପ୍ରସ୍ତୁତ କରିଥିଲେ ।

# ବିଦ୍ୟାଳୟରେ ପ୍ରି କ୍ରିସ୍‌ମାସ୍ ପାଳିତ

### ଜନ୍ମଦିନ ପୂର୍ବରୁ ଖୁସିର ଲହରି

ଦାରିଙ୍ଗବାଡ଼ି, ୧୯।୧୨ (ଅରୁଣ ସାହୁ)

ଆଉ କିଛିଦିନ ପରେ ପବିତ୍ର କ୍ରିସ୍‌ମାସ୍ ଓ ବଡ଼ଦିନ ପାଳନ କରାଯିବ। ଏଥିପାଇଁ ଏବେଠୁ ଗାଁରୁ ସହର ଚଳଚଞ୍ଚଳ ହୋଇଉଠିଛି। ବିଭିନ୍ନ ଚର୍ଚ୍ଚ ସମେତ ପ୍ରାର୍ଥନା ଗୃହ, ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାକ୍ କ୍ରିସ୍‌ମାସ୍ ପାଳନ କରାଯାଉଛି। ପାଦ୍ରୀପିଓ ଇଂଲିଶ ମିଡିୟମ ବିଦ୍ୟାଳୟ ପରିସରରେ ଏହି ପର୍ବ ପାଳନ କରାଯାଇ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ଉଦ୍ଦେଶ୍ୟ ଓ ଧରାପୃଷ୍ଠକୁ ଆସୁଥିବା ଖୁସି ସମ୍ପର୍କରେ କୁହାଯିବା



ସହ ବାଇବଲ ପଠନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯାଇଥିଲା। କାର୍ଯ୍ୟକ୍ରମରେ ପାଦ୍ରୀପିଓ ଇଂଲିଶ ମିଡିୟମର ଅଧ୍ୟକ୍ଷା ଇତିଶ୍ରୀ ପରିଚ୍ଛାଙ୍କ ନେତୃତ୍ୱରେ କରାଯାଇଥିବା ବେଳେ ଧର୍ମଯାଜକ ଜୋସେଫ ମାଇକେଲ, ଆନନ୍ଦ ପ୍ରଧାନ, ରମେଶ ପରିଚ୍ଛା, ଆକବର ବିଶୋଇ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ତାପସ ନାୟକ, ରାଣୀ ପରିଚ୍ଛା, ତନୁହ ଶୁଭଦର୍ଶିନୀ ଦାସ, ସୁରେଖା ପ୍ରଧାନ, ସ୍ମୃତିରେଖା ଅଧିକାରୀ, ଇତିଶ୍ରୀ ମଲିକ, ରିଟିନା ପ୍ରଧାନ, ଜେର୍ମିୟସ ପ୍ରଧାନ, ରାଜନୀକାନ୍ତ ପ୍ରଧାନ, ଜୁଲି ପ୍ରଧାନ, ସିଷ୍ଟର କର୍ମେଲା, ସୋମ୍ୟରାଣୀ ପ୍ରଧାନ, ପ୍ରକାଶିନୀ ରଞ୍ଜିତ ପ୍ରମୁଖ ପରିଚାଳନା କରିଥିଲେ।

# ଶିକ୍ଷାର ମୌଳିକତାକୁ ଜୀବନରେ ବ୍ୟବହାର ପାଇଁ ଛାତ୍ରୀଙ୍କୁ ପରାମର୍ଶ

ଛତ୍ରପୁର, ୧୯।୧୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ୩୨ ତମ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି । ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଓ ବ୍ରହ୍ମପୁର ଶାଖା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ସଚିବ ଡ଼ଃ କୁଳମଣି ଓଝା ଯୋଗଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ସସ୍ମିତା ସାମନ୍ତରାୟ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ ଅନୁଷ୍ଠାନ ର ଭିତିଭୂମିର ଉନ୍ନୀତ ପାଇଁ





ଉପସ୍ଥିତଥିବା ବିଧାୟକ ଓ ଅନ୍ୟମାନେ ।

ସହଯୋଗ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି । ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟି ଶିକ୍ଷାର ମୌଳିକତାକୁ ନିଜ ଜୀବନରେ ଠିକ୍ ବ୍ୟବହାର କରିବା ପାଇଁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପୁରସ୍କାର ବିତରଣ ପାଇଁ ବରିଷ୍ଠ ଅଧ୍ୟାପିକା ପ୍ରମିତା ଚୌଧୁରୀ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ଅଧାପିକା ଜ୍ୟୋସ୍ନାରାଣୀ ବେହେରା କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠିତା ସଦସ୍ୟ ଭାବେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା।

# କୋମଣ୍ଡ, ରୋହିବାଙ୍କ ପଞ୍ଚାୟତରେ ମାତିଛନ୍ତି ଖଣି ବ୍ୟବସାୟୀ

- ଧରପଗଡ଼, ଚଢ଼ାଉକୁ ଭୁଲିଯାଇଛି ଖଣି ବିଭାଗ, ଜିଲା ପ୍ରଶାସନ
- ରାତିରେ ହେଉଛି ବେଆଇନ ଖଣି ଖନନ, ଚାଲାଣ
- ଫରକ ପକାଇଲାନି ଆର୍‌ଆଇଙ୍କ ନିଲମ୍ବନ, ତହସିଲଦାରଙ୍କ ବଦଳି

**ନୟାଗଡ଼, ୧୯।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ କୋମଣ୍ଡ ଓ ରୋହିବାଙ୍କ ପଞ୍ଚାୟତ ଅଞ୍ଚଳରେ ଖଣି ବ୍ୟବସାୟୀ ଏକାଠି ହୋଇ ରାଜ୍ କରୁଛନ୍ତି। ମାଙ୍କଡ଼ା ପଥର ଓ ମୋରମ ଖଣି ଖନନ ବର୍ଷ ବର୍ଷ ଧରି ଚାଲିଛି। ରାତିରେ ଖଣି ଖନନ ଓ ଚାଲାଣ ହେଉଛି। ସରକାରଙ୍କୁ ରାଜସ୍ୱ ଦେଉ ନ ଥିଲେ ମଧ୍ୟ ବେଆଇନ ଖଣି ଉପରେ ଚଢ଼ାଉ, ଧରପଗଡ଼ ନ ହେବା ଖଣି ବିଭାଗ ଓ ଜିଲା ପ୍ରଶାସନର ସ୍ୱଚ୍ଛତାକୁ ପଦାରେ ପକାଇଛି। ଅନ୍ୟପକ୍ଷେ ଖଣି ବ୍ୟବସାୟୀମାନେ ନିଜର ବେଆଇନ ସାମ୍ରାଜ୍ୟକୁ ବଢ଼ାଇ ଚାଲିଛନ୍ତି। ବେଆଇନ ଖଣି ଖନନ ସମ୍ପର୍କରେ



ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶନ ପରେ ତତ୍କାଳୀନ ଜିଲାପାଳ ରବୀନ୍ଦ୍ର କୁମାର ସାହୁ ଚଢ଼ାଉ କରି ୨୦୨୩ ଜାନୁଆରୀ ୩ରେ ତତ୍କାଳୀନ କୋମଣ୍ଡ ଆରଆଇ ସୁଧୀର କୁମାର ପରିଡାଙ୍କୁ ନିଲମ୍ବନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ତତ୍କାଳୀନ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କୁ ବଦଳି କରାଯାଇଥିଲା। ଆର୍‌ଆଇଙ୍କ ନିଲମ୍ବନ ଓ ତହସିଲଦାରଙ୍କ ବଦଳି ପରଠାରୁ କାର୍ଯ୍ୟାନୁଷ୍ଠାନ ଶୀତଳଭଣ୍ଡାରକୁ ଚାଲିଯାଇଛି। ସେ ସମୟରେ ତହସିଲଦାରଙ୍କୁ ବଦଳି ଓ ଆର୍‌ଆଇଙ୍କୁ ନିଲମ୍ବନ କରି ପ୍ରଶାସନ ଦାୟିତ୍ୱ ଶେଷ କରିଦେବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଥିଲା। ବେଆଇନ ଖଣିକୁ ଚଳାଇବା ଘଟଣାରେ ତହସିଲଦାର, ଆର୍‌ଆଇ, ରାଜନେତା, ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି କେତେଜଣ ଗଣମାଧ୍ୟମର ପ୍ରତିନିଧି ଲାଞ୍ଚ ନେଇଥିବା ଅଭିଯୋଗ ଥିଲା। ପଥର ବ୍ୟବସାୟୀମାନେ ଜଣେ ଖବରଦାତାଙ୍କ ଜରିଆରେ ଲାଞ୍ଚ ଟଙ୍କା ଦେଉଥିବା ଚର୍ଚ୍ଚା ହୋଇଥିଲା। ଏବେ ଲାଞ୍ଚ କାରବାର ଚାଲିଥିଲେ ମଧ୍ୟ କିଛିକାଂଶରେ ନବକଳେବର ହୋଇଛି।

ଏ ନେଇ ଜଣେ ପଥର ବ୍ୟବସାୟୀ କହିଛନ୍ତି, ଆର୍‌ଆଇଙ୍କ ନିଲମ୍ବନ ଓ ତହସିଲଦାରଙ୍କ ବଦଳି ପରେ ଚିନ୍ତା ବଢ଼ି ଯାଇଥିଲା। କିଛିଦିନ ଖଣି କାମ ବନ୍ଦ ରହିଥିଲା। ପରେ ଭାଇଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦ ମିଳିଲା। ଖଣି ଖନନ ଦିନବେଳା ନୁହେଁ ରାତିରେ କରିବାକୁ ମୌଖିକ ନିର୍ଦ୍ଦେଶ ମିଳିଥିଲା। ଆମେ ଭାଇଙ୍କ କଥା ମାନି କିଛି ମାସ ହେଲା ରାତିରେ ଖଣି ଖନନ କରୁଛୁ। ସରକାର ବଦଳିବା ପରେ ପୁଣି ଅସୁବିଧା ହୋଇଥିଲା। ତେବେ ଭାଇଙ୍କ ସହଯୋଗ ଓ ସରକାରୀ ଦଳର ପୁଣି ଆଶୀର୍ବାଦ ଆମ ଉପରେ ରହିଛି। ପ୍ରଶାସନିକସ୍ତରରେ ଓ ଗଣମାଧ୍ୟମର ସହଯୋଗ ମିଳୁଛି। ଆମକୁ ଯେପରି ସହଯୋଗ ମିଳୁଛି ଆମେ ସେପରି ସେମାନଙ୍କ କଥା ବୁଝିବାକୁ ପଡୁଛି। ଅନ୍ୟପକ୍ଷେ ଆମେ ସରକାରୀ ଜମିରେ ଖଣି ଖନନ କରୁନୁ। କେତେଜଣଙ୍କ ବ୍ୟକ୍ତିଗତ ଜମିରୁ ଖଣି ଖନନ କରୁଛୁ। ଏଣୁ ଆମକୁ ଅଯଥାରେ ହଇରାଣ କରନ୍ତୁ ନାହିଁ। ଆମେ ତ ପୁଣି ବଞ୍ଚିବୁ। ଏହି ଖଣିରୁ ପଥର ବ୍ୟବସାୟୀ, ଶ୍ରମିକ, ଅନେକ ଲୋକ ଉପକୃତ ହେଉଛନ୍ତି। ଦେଶରେ କେତେ କ'ଣ ହେଉଛି, ପଥର ଖଣି ଉପରୁ ନଜର ଛାଡ଼ିବାକୁ ଅନୁରୋଧ କରିଥିଲେ।

## ଶୀତଳଭଣ୍ଡାରରେ ଚଢ଼ାଉ ନିଷ୍ପତ୍ତି

ବର୍ଷ ୨୦୨୨ ଶେଷ ଓ ୨୦୨୩ ଆରମ୍ଭରେ ତତ୍କାଳୀନ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ବେଆଇନ ଖଣି ଉପରେ ଚଢ଼ାଉ କୋକୁଆ ଭୟ ସୃଷ୍ଟି କରିଥିଲା। ତେବେ ପାଖାପାଖି ୨ ବର୍ଷ ଶେଷ ହେବାକୁ ଯାଉଥିବାବେଳେ ଖଣି ଉପରେ ଜିଲା ପ୍ରଶାସନ ଓ ଜିଲା ଖଣି ବିଭାଗ ପକ୍ଷରୁ ଆଉ ଚଢ଼ାଉ କରିବାର ନଜିର ନାହିଁ। ୨ ବର୍ଷ ଭିତରେ ୨ଜଣ ଜିଲାପାଳ ବଦଳି ସାରିଲେଣି। ଜିଲା ପ୍ରଶାସନ ଓ ଖଣି ବିଭାଗର ନୀରବତା ପରେ ପୁଣି ଖଣି ବ୍ୟବସାୟୀ ମାତିଛନ୍ତି। ଖଣି ବ୍ୟବସାୟୀ ସକ୍ରିୟ ହୋଇ ଚାଲିଥିବାବେଳେ ଜିଲା ପ୍ରଶାସନ ଓ ଖଣି ବିଭାଗ ପକ୍ଷରୁ ଚଢ଼ାଉ ନ କରିବା ଅନେକ ପ୍ରଶ୍ନ ଉଠାଉଛି। ଜିଲାପାଳ ଓ ଖଣି ଅଧିକାରୀ କ'ଣ ଚାପରେ ଚାପି ହୋଇଗଲେ କି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୁଣି ଥରେ ଜିଲାପାଳ ମାଙ୍କଡ଼ା ପଥର ଓ ମୋରମ ଖଣି ଉପରେ ଚଢ଼ାଉ କରି ଖଣି ବ୍ୟବସାୟୀଙ୍କୁ ସାବାଡ଼ କରିବାକୁ ସାଧାରଣରେ ଦାବି ଉଠିଲାଣି। ଏ ନେଇ ଓଡଗାଁ ତହସିଲଦାର ମାନସ ରଞ୍ଜନ ଭୋଇଙ୍କୁ ପଚାରିବାରେ ଖଣି ଉପରେ ଆମେ ଚଢ଼ାଉ କରି ପାରିବୁ ନାହିଁ। ବେଆଇନ ଖଣି ନେଇ ଖଣି ବିଭାଗକୁ ଅବଗତ କରାଇବି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଖଣି ଅଧିକାରୀ ଈଶ୍ୱର ପ୍ରଧାନଙ୍କ ମୋବାଇଲ ଫୋନ୍ ନଂ. ୯୫୫୬୦୪୦୧୩୫କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ।

# ସତ୍ୟଜିତ୍‌ଙ୍କ ସଙ୍ଗୀତରେ ଦର୍ଶକ ବିମୁଗ୍ଧ



ପଞ୍ଚାୟତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାରେ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

**ନୟାଗଡ଼, ୧୯।୧୨(ଲୋକନାଥ ମିଶ୍ର)**

### ପଞ୍ଚାୟତ ମହୋତ୍ସବର ୪ର୍ଥ ସନ୍ଧ୍ୟା

ନୟାଗଡ଼ ବ୍ଲକ ରାଜପାଟଣା ମିନି ଷ୍ଟାଡିୟମରେ ଜେମାଦେଇପୁରପାଟଣା ପଞ୍ଚାୟତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୪ର୍ଥ ସନ୍ଧ୍ୟାରେ ଗହଳି ବଢ଼ିଛି। ଏଥିରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଓଡ଼ଗାଁ ବ୍ଲକ ୨ ଜିଲା ପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମିପ୍ରୀୟା ସାହୁ, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ, ଜେମାଦେଇପୁରପାଟଣା ପଞ୍ଚାୟତ ସରପଞ୍ଚ ସଦାଶିବ ନାୟକ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ଯୋଗଦେଇ ମହୋତ୍ସବ ଉପରେ ଆଲୋକପାତ କରିଥିଲେ। ସଙ୍ଗୀତ ଭାଇବ୍ରେଶନ ପକ୍ଷରୁ ମେଲୋଡିରେ ସିନେ ଗାୟକ ସତ୍ୟଜିତ ପ୍ରଧାନଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ସେହିପରି ଆଦିତ୍ୟ ଡ୍ୟାନ୍ସଗ୍ରୁପ ପିପିଲିର ଆଧୁନିକ ନୃତ୍ୟ ମଧ୍ୟ ଦର୍ଶକଙ୍କ ମନ ମୋହିଥିଲା। ଆଞ୍ଚଳିକ ଡ୍ୟାନ୍ସ ମଧ୍ୟ ଦେଖିବାକୁ ମିଳିଥିଲା।

# ବାଣିଝରୀ ଜଙ୍ଗଲରୁ ୨ କେଜି ଝିଙ୍କ ମାଂସ ସହ ଦୁଇ ଶିକାରୀ ଗିରଫ

**ଶରଣକୁଳ, ୧୯।୧୨ (ଦୀପକ କର)**

ଶରଣକୁଳ ପଞ୍ଚୁରିଡ଼ା ବନାଞ୍ଚଳ ଅନ୍ତର୍ଗତ ବାଣୀଝରୀ ସଂରକ୍ଷିତ ଜଙ୍ଗଲରେ ଅବାଧ ପ୍ରବେଶ କରି ଝିଙ୍କ ଶିକାର କରି ୨କେଜି ମାଂସ ଧରି ଫେରୁଥିବାବେଳେ ବନ କର୍ମଚାରୀ ମାଂସକୁ ଜବତ କରିବା ସହ ୨ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି।

ପ୍ରକାଶ ଯେ, ପଞ୍ଚୁରିଡ଼ା ବନାଞ୍ଚଳର ଗୋଛା ଓ ବାଣିଝରୀ ଜଙ୍ଗଲକୁ ଶିକାରୀମାନେ ପ୍ରତିଦିନ ରାତିରେ ବନ୍ୟଜନ୍ତୁ ଶିକାର କରିବା ସହ ବିଦ୍ୟୁତ୍ ତାର ଓ ଫାଶ ବସାଇ ଶିକାର କରୁଛନ୍ତି। ବନ୍ୟଜନ୍ତୁ ଶିକାର କରିବା ପରେ ଶିକାରୀ ନିଜେ ମାଂସ ବାଣ୍ଟି ନେଇ ବଳକାକୁ ବଜାରରେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଶରଣକୁଳ ଥାନା ଶିଖରପୁର ଗାଁର ଅଭିମନ୍ୟୁ ସ୍ୱାଇଁ ଓ ପ୍ରମୋଦ କୁମାର ପରିଡ଼ା ଝିଙ୍କ ଶିକାର କରି ଫେରୁଥିବାବେଳେ ଗୁରୁବାର କୌଣସି ସୂତ୍ରରୁ ଖବରପାଇ ପଞ୍ଚୁରିଡ଼ା ବନାଞ୍ଚଳ ଅଧିକାରୀ ଚୂଡ଼ାରାଣୀ ମୁର୍ମୁଙ୍କ ନିର୍ଦ୍ଦେଶରେ ଫରେଷ୍ଟର ସୁବାସ କୁମାର ନାୟକ ଓ କର୍ମଚାରୀମାନେ ସେମାନଙ୍କୁ ଖାନତଲାସୀ କରିବା ପରେ ୨କେଜି ଝିଙ୍କ ମାଂସ ଜବତ କରିଥିଲେ।

# ପଠାଣି ସାମନ୍ତ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି

**ଖଣ୍ଡପଡ଼ା,୧୯।୧୨ (ଅଜୟ କୁମାର ମହାରଣା)**

ବିଶ୍ୱ ବରେଣ୍ୟ ଜ୍ୟୋର୍ତିବିତ ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ଜୟନ୍ତୀ ଉତ୍ସବ ଆସନ୍ତା ୨୩ ତାରିଖରେ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ସମସ୍ତ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଠାଣି ସାମନ୍ତ ମେମୋରିଆଲ ପରିଷଦର ମିଳିତ ସହଯୋଗରେ ପାଳିତ ହେବାକୁ ଯାଉଥିବା ଜୟନ୍ତୀ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପଠାଣି ସାମନ୍ତ ମେମୋରିଆଲ ପରିଷଦର ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆଙ୍କଠାରୁ ପ୍ରକାଶ।

# କ୍ରୀଡ଼ା ଶରୀର ପାଇଁ ମହୌଷଧି ସଦୃଶ



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ନୂଆଗାଁ, ୧୯।୧୨ (ଧନେଶ୍ୱର ସାହୁ)**

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

ନୂଆଗାଁ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି।

ନୂଆଗାଁ ବ୍ଲକରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଗୃହ କିମ୍ବା ଖେଳ ପଡ଼ିଆ ନାହିଁ। ତଥାପି ଛାତ୍ରୀଛାତ୍ରଙ୍କ ଆଗ୍ରହ, ଶିକ୍ଷୟିତ୍ରୀଶିକ୍ଷକ ଓ ସ୍କୁଲ କର୍ମଚାରୀଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ ସ୍କୁଲରେ ପ୍ରତିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିକ୍ରମରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଲମ୍ବାଡିଆଁ, ଉଚ୍ଚଡିଆଁ, ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼ ଆଦି ୬ଟି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଉଭୟ ବିଭାଗ ପାଇଁ ଅଲଗା କରାଯାଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଯାପନୀ ସଭାରେ ବିଡିଓ ଅମୃତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ମଧୁମିତା ପଟ୍ଟନାୟକ, ଏବିଇଓ ଜ୍ୟୋତ୍ସ୍ନାରାଣୀ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତି ଛାତ୍ରୀଛାତ୍ରଙ୍କ ମନରେ ଆଗ୍ରହ ଦେଖି ବିଡିଓ ରାଉଳ ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ସେହିପରି କ୍ରୀଡ଼ା ସମସ୍ତଙ୍କ ଶରୀର ପାଇଁ ମହୌଷଧି ସଦୃଶ। ତେଣୁ ପାଠପଢ଼ା ସାଙ୍ଗକୁ ଖେଳକୁଦ କରିବାର ଆବଶ୍ୟକତା ରହିଛି ବୋଲି ଏବିଇଓ ସେଠୀ କହିଥିଲେ। ହାରିବା ଜିତିବା ଲାଗି ରହିଛି। ତେଣୁ ଯେଉଁମାନେ ହାରିଛନ୍ତି ସେମାନେ ମନ ଦୁଃଖ ନ କରି ଚେଷ୍ଟା ଜାରି ରଖିଲେ ଆଗାମୀଦିନରେ ନିଶ୍ଚିତ କୃତକାର୍ଯ୍ୟ ହୋଇପାରିବେ ବୋଲି ତହସିଲଦାର ନାୟକ କହିଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାକୁ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ପ୍ରଦୀପ୍ତ କୁମାର ଖଣ୍ଡୁଆଳ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଶିକ୍ଷାନୁଷ୍ଠାନରେ ଦଳୀୟ କାର୍ଯ୍ୟକ୍ରମକୁ ଭାଜପା ନେତାଙ୍କ ନିନ୍ଦା

**ନୂଆଗାଁ, ୧୯।୧୨ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ଭାଜପା ନେତା ରାଘବ ମଳିକ ଦୃଢ଼ ନିନ୍ଦା କରିଛନ୍ତି।

ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଜାରି ରହିଛି। ତେଣୁ ଦଳରେ ସଭ୍ୟ ସଂଖ୍ୟା ବଢ଼ାଇବା ପାଇଁ କର୍ମୀମାନେ ଲାଗି ପଡ଼ିଛନ୍ତି। ତେଣୁ ନୂଆଗାଁ କଲେଜରେ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୋଟିଏ ଶିକ୍ଷାନୁଷ୍ଠାନରେ ପାଠପଢ଼ା ଯାଉଥିବାବେଳେ ଏହି କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଭାଜପା ନେତା ମଳିକ ଖବର ପାଇବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ଭାଜପା ନେତା ମଳିକଙ୍କ କହିବା ମୁତାବକ, ୧୮ ବର୍ଷରୁ କମ ବୟସର ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଶିକ୍ଷାନୁଷ୍ଠାନରେ ବିଜେଡି କର୍ମୀମାନେ ପଶି ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ କରିବା ଅତ୍ୟନ୍ତ ଦୁଃଖଦାୟକ କଥା। ଏପରିକି ଛାତ୍ରୀଛାତ୍ରଙ୍କ ଅନିଚ୍ଛା ସତ୍ତ୍ୱେ କେତେଜଣ ବିଜେଡି କର୍ମୀ ସେମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବାଧ କରିଥିବା ଭାଜପା ନେତା ମଳିକ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। କାର୍ଯ୍ୟକ୍ରମ ବାବଦରେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ମଧୁମିତା ପଟ୍ଟନାୟକଙ୍କୁ ପଚାରିବାରେ କଲେଜରେ କୌଣସି ଦଳୀୟ କାର୍ଯ୍ୟକ୍ରମ ହେଉ ନ ଥିବା କହିଛନ୍ତି। ପରେ ଦଳୀୟ କାର୍ଯ୍ୟକ୍ରମର ଫଟୋ ଦେଖାଇ ପଚାରିବାରେ ବିଜେଡି କର୍ମୀ ମୋତେ ୟୁଥ୍ କାର୍ଯ୍ୟକ୍ରମ କରିବେ ବୋଲି କହିଥିଲେ। କିନ୍ତୁ ଦଳୀୟ କାର୍ଯ୍ୟକ୍ରମ କଲେ ମୁଁ କ'ଣ କରିବି ବୋଲି ଅଧ୍ୟକ୍ଷା ପଟ୍ଟନାୟକ କହିଛନ୍ତି। ଶିକ୍ଷାନୁଷ୍ଠାନ ଭିତରେ ଦଳୀୟ କାର୍ଯ୍ୟକ୍ରମ କରି ସଭ୍ୟ ସଂଗ୍ରହ କରିବା ଘଟଣା ଅଭିଯୋଗ ବାବଦରେ ନୂଆଗାଁ ବ୍ଲକ ବିଜେଡି ସଭାପତି ସନ୍ୟାସୀ ସାମଲଙ୍କୁ ପଚାରିବାରେ ଏପରି ଅନେକ କଲେଜରେ ହେଉଛି। ତେଣୁ ସଭ୍ୟ ସଂଗ୍ରହ କରିବାରେ କିଛି ଅସୁବିଧା ନାହିଁ। ଯିଏ ଚାହିଁବ ସଭ୍ୟ ହୋଇପାରିବେ, ଇଚ୍ଛା ନ ଥିଲେ ହେବେନି ବୋଲି ବ୍ଲକ ସଭାପତି ନାୟକ କହିଛନ୍ତି।




କଲେଜରେ ହୋଇଥିବା ବିଜେଡିର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଶ୍ୱଜିତ୍



@ ଦୟାନନ୍ଦ



@ ଦୀନବନ୍ଧୁ



@ ପ୍ରଣବ



@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

